## ସଂକ୍ଷେପରେ

### ପମ୍ପରେ ମିଶ୍ରିତ ତେଲ ପାଇଁ ହୋହାଲ୍ଲା

ନନ୍ଦପୁର,୧୯।୮(ଡି.ଏନ୍.ଏ.): ନନ୍ଦପୁର ସ୍ଥିତ ପେଟ୍ରୋଲ ପମ୍ପରେ ମିଶ୍ରିତ ପେଟ୍ରୋଲ ଓ ଡିଜେଲ ବିକ୍ରି ଯୋଗୁ ଗ୍ରାହକ ଅସନ୍ତୁଷ୍ଟ ହେବା ସହ ହୋହାଲ୍ଲା କରିଛନ୍ତି। ପମ୍ପର କର୍ମଚାରୀଙ୍କ କହିବା ଅନୁଯାୟୀ ରବିବାର ଭୁଲବଶତଃ ବଙ୍କରରୁ ପେଟ୍ରୋଲ ଟାଙ୍କିରେ ଡିଜେଲ ଓ ଡିଜେଲ ଟାଙ୍କିରେ ପେଟ୍ରୋଲ ଭର୍ତ୍ତି କରାଯାଇଥିଲା। ଏଭଳି ଭୁଲ୍ ଯୋଗୁ ଗ୍ରାହକଙ୍କ ଡିଜେଲ ଗାଡ଼ିରେ ପେଟ୍ରୋଲ ଓ ପେଟ୍ରୋଲ ଗାଡ଼ିରେ ଡିଜେଲ ପଡ଼ିଥିଲା। ଫଳରେ ଗାଡ଼ିଗୁଡ଼ିକ ତେଲ ପକାଇବା ପରେ ତାହା ଷ୍ଟାର୍ଟ ହୋଇ ନଥିଲା। ସୋମବାର ଏହାକୁ ନେଇ ଗ୍ରାହକମାନେ ପେଟ୍ରୋଲ ପମ୍ପରେ ପହଞ୍ଚି ମିଶ୍ରିତ ତେଲ ଫେରାଇବା ସହ ଟଙ୍କା ଫେରସ୍ତ ମାଗିଥିଲେ। ଅନ୍ୟ ଉପାୟ ନପାଇ ପମ୍ପ ମାଲିକ ଟଙ୍କା ଫେରସ୍ତ କରିବାକୁ ବାଧ ହୋଇଥିଲେ।

### ଆଦିବାସୀ ଚାଷୀଙ୍କୁ ନେଇ କର୍ମଶାଳା

ଜୟପୁର,୧୯।୮(ନି.ପ୍ର.): ସାମାଜିକ ଅନୁଷ୍ଠାନ ସମ୍ରାଟ ପକ୍ଷରୁ କୃଷି ସଚେତନତା ଶିବିର ତଥା କର୍ମଶାଳା ଆୟୋଜିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଆଦିବାସୀ କୃଷକଙ୍କୁ ପ୍ରାୟ ୪୦୦ କଲମୀ ଆମ୍ବ ଚାରା ବଣ୍ଟାଯାଇଥିଲା । ଆମ୍ବ ଏକ ଲାଭଦାୟକ ଚାଷ ହୋଇଥିବା ବେଳେ ଏହା କୃଷକଙ୍କ ଆୟ ବଢ଼ାଇବାରେ ସହାୟକ ହେବ । ଆଦିବାସୀମାନେ ନିର୍ଭର କରୁଥିବା ଜଙ୍ଗଲ ଜମିରେ ମଧ ଏହି ଚାଷ ସହଜରେ କରିପାରିବେ। ଆମ୍ବ ସହ ମାଣ୍ଡିଆ, ସୁଆଁ ଶସ୍ୟକୁ ମିଳିତ କୃଷି ଭାବେ ଗ୍ରହଣ କରି ଲାଭବାନ ହୋଇପାରିବେ। ଆଧୁନିକ କୃଷି ଓ ଫସଲ ପ୍ରତି ବର୍ଷାଜନିତ ପ୍ରଭାବ, ଚଳିତ ବର୍ଷ ଆବଶ୍ୟକଠାରୁ କମ୍ ବର୍ଷା ହୋଇଥିବାରୁ କୃଷକମାନେ ଯତ୍ନବାନ ରହିବା ସହ ଏହାର ମୁକାବିଲା, ସରକାରୀ ସ୍ତରରେ ଥିବା ସହାୟତା ନେଇ ଆଲୋଚନା କରାଯାଇଥିଲା । ଏଥିରେ ସମ୍ରାଟ ଅନୁଷ୍ଠାନ ସଭାପତି ଶରତ ଚନ୍ଦ୍ର ସାହୁ, କୋଷାଧକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

### ଘରଡିହ ନ ଥିବା ହିତାଧିକାରୀ ପାଇଲେ ପଟ୍ଟା



ପଟ୍ଟାଙ୍ଗି,୧୯।୮(ଡି.ଏନ୍.ଏ.): ବସୁନ୍ଧରା ଯୋଜନା ଅଧୀନରେ ସୋମବାର ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟରେ ପଟ୍ଟା ବଣ୍ଟନ କରାଯାଇଛି। ତହସିଲଦାର ଡ. ଅରୁଣ ଖଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରିତମ ପାଢ଼ୀ ମୁଖ୍ୟ ଅତିଥି ଭାବେ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ବ୍ଲକର ବୋଡ଼ାପାଡୁ, ବିଟୁଗୁଡ଼ା, ଚିକିଲାମାରି, ଗାଙ୍ଗରାଜପୁର, ରାଲେଗଡ଼ା, ଜାମୁଗୁଡ଼ା ଓ ସିପାଇପୁଟ ଗ୍ରାମର ଘରଡିହ ନଥିବା ୪୧ ଜଣ ହିତାଧିକାରୀଙ୍କୁ ୧ ଏକର ୬୮ ଡିସିମିଲ ଜାଗା ଓ ଘରଡିହ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ପଞ୍ଚାୟତ ସମିତି ଅଧକ୍ଷ ଜଗତଜ୍ୟୋତି ପାଙ୍ଗି, ସଦର ସରପଞ୍ଚ ଭଗବାନ ଖରା, ତହସିଲ କାର୍ଯ୍ୟାଳୟ ରେଭିନ୍ୟୁ ସୁପରଭାଇଜର ଭାସ୍କର ଚନ୍ଦ୍ର ଗମାଙ୍ଗ, ରାଜସ୍ୱ ନିରୀକ୍ଷକ କୈଳାସ ଗାଦବା, ଗୌରୀଶଙ୍କର ପଟ୍ଟନାୟକ, ବିଜେଡିର ବ୍ଲକ ସଭାପତି ବିଶ୍ୱନାଥ ପଡାଲ, ପୂର୍ବତନ ସମିତି ସଭ୍ୟ ନାଗେଶ ଚୌଧୁରୀ, ଚନ୍ଦ୍ର ଗୁଣ୍ଠା ଉପସ୍ଥିତ ଥିଲେ।

■ ଜାନୁୟାରୀରୁ ଦରମା ପାଇନାହାନ୍ତି ୫୪ ଅସ୍ଥାୟୀ କର୍ମଚାରୀ

# କାର୍ଯ୍ୟବନ୍ଦ କଲେ, ଏସ୍‌ଡିଓଙ୍କୁ ଘେରିଲେ

ଜୟପୁର,୧୯।୮(ଡି.ଏନ୍.ଏ.)



ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଘେରିଛନ୍ତି ଅସ୍ଥାୟୀ କର୍ମଚାରୀ।

**ବିଏସ୍‌ଏନ୍‌ଏଲ୍**
- ବିଭାଗ ନା ଠିକାସଂସ୍ଥା ଦେବ ଦରମା
- ସୁରକ୍ଷା, ପରିଚୟପତ୍ର ଦାବି

କୋରାପୁଟ ଜିଲା ଜୟପୁର ବିଏସ୍‌ଏନ୍‌ଏଲ୍ ଉପଖଣ୍ଡର ୬ଟି ବ୍ଲକ ଓ ଜୟପୁର ପୌରାଞ୍ଚଳରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସୁରକ୍ଷା, ପରିଚୟପତ୍ର ଦିଆଯିବାକୁ ଦାବି ହୋଇଛି। ଏହି ଦାବି ନେଇ ଅସ୍ଥାୟୀ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିବା ସହ ବିଭାଗୀୟ ଏସ୍‌ଡିଓଙ୍କୁ ଘେରାଉ କରିଛନ୍ତି। ଅସ୍ଥାୟୀ କର୍ମଚାରୀ ସଂଘ ସଂଯୋଜକ ସୁରେଶ ଗୌଡ଼, ସଭାପତି ବିଜୟ ପାତ୍ରଙ୍କ ନେତୃତ୍ୱରେ ୫୪ ଜଣ ଅସ୍ଥାୟୀ କର୍ମଚାରୀ ଜୟପୁର ଟେଲିଫୋନ ଏକ୍ସଚେଞ୍ଜ କାର୍ଯ୍ୟାଳୟରେ ଏସ୍‌ଡିଓ ବସନ୍ତ ତରାଇଙ୍କୁ ଘେରିଛନ୍ତି।

ଗତ ୧୩ ତାରିଖରେ ମାଓବାଦୀ ଅଞ୍ଚଳ ଅନକାଡେଲି ଏକ୍ସଚେଞ୍ଜରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ ଦେବୀ ମାଝିଙ୍କୁ ଜଣେ ଗ୍ରାହକ ଆକ୍ରମଣ କରିଥିଲେ। ସେ ଏନେଇ ମାଛକୁଣ୍ଡ ଥାନାରେ ଏତଲା ଦେଇଥିଲେ ମଧ ପୋଲିସ ତାଙ୍କର ପରିଚୟପତ୍ର ମାଗିଥିଲା। ବିଭାଗ ତାହା ଦେଇ ନଥିବା ଯୋଗୁ ସେ ବାଧହୋଇ ଶେଷରେ ଅଭିଯୁକ୍ତଙ୍କ ସହ ଆପୋଷ ବୁଝାମଣା କରି ଥାନାରୁ ମାମଲା ଉଠାଇ ଆଣିଥିଲେ। ସଂଘରେ ଏହି କଥା ପହଞ୍ଚିବା ପରେ କର୍ମଚାରୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା । କୋରାପୁଟ ଜିଲା ଏକ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ପରିଚୟପତ୍ର ଦେବା, ବିଭାଗରେ କାର୍ଯ୍ୟରତ ଥିବାବେଳେ କୌଣସି ଆକ୍ରମଣ କିମ୍ବା ଅଘଟଣ ଘଟିବା ପୂର୍ବରୁ କର୍ମଚାରୀଙ୍କୁ ସୁରକ୍ଷା ଦେବା ପାଇଁ ଦାବି କରାଯାଇଥିଲା। ଏସ୍‌ଡିଓ ତରାଇ କହିଛନ୍ତି, ଅସ୍ଥାୟୀ କର୍ମଚାରୀ ଜଣାଇଥିବା ଦାବି ସମ୍ପର୍କରେ କୋରାପୁଟସ୍ଥିତ ଡିଜିଏମ୍‌ଙ୍କୁ ଅବଗତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ୫୪ ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ଗତ ଜାନୁୟାରୀରୁ ଦରମା ମିଳିନାହିଁ। ଅନ୍ୟପକ୍ଷରେ ଗତ ଏପ୍ରିଲ ୨ରେ ଏମାନଙ୍କୁ ଆଉଟସୋର୍ସ ଭାବେ ନିଯୁକ୍ତି ଦେଇଥିବା ଠିକାଦାର ଜଣଙ୍କର ମୃତ୍ୟୁ ହୋଇଯାଇଛି। ମେ ୨୪ରେ ତାଙ୍କ ସ୍ତ୍ରୀ ଏହି କାର୍ଯ୍ୟ ଛାଡୁଥିବା ନେଇ ବିଭାଗୀୟ ଜିଏମ୍‌ଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ଅସ୍ଥାୟୀ କର୍ମଚାରୀ ବିଭାଗର ସମସ୍ତ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ଦରମା ଠିକାସଂସ୍ଥା କିମ୍ବା ବିଭାଗ ଦେବ, ତାହା ବଡ଼ ପ୍ରଶ୍ନ ହୋଇ ଛିଡ଼ା ହୋଇଛି।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା

କୋରାପୁଟ,୧୯।୮(ସ୍ୱ.ପ୍ର.):

କୋରାପୁଟରେ ରବିବାର ଘଟିଥିବା ବାଇକ ଦୁର୍ଘଟଣାରେ ମୃତ ବୃଦ୍ଧାଙ୍କ ପରିବାରକୁ ସୋମବାର ଆର୍ଥିକ ସହାୟତା ଦେଇଛି ଜିଲା ପ୍ରଶାସନ। ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ମେଡିକାଲଠାରେ ମୃତକଙ୍କ ପରିବାରକୁ ଦେଇଛନ୍ତି ଜିଲା ଜରୁରୀ ଅଧିକାରୀ ସିର୍ଦ୍ଧାର୍ଥ ପଟ୍ଟନାୟକ। ଉଲ୍ଲେଖଯୋଗ୍ୟ ଯେ, ରବିବାର ରାତିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବାଇକ (ଓଆର୧୦ ଡି ୨୬୬୪) ବୃଦ୍ଧା ପାଣ ମାଳିଙ୍କୁ ଧକ୍କା ଦେଇ ସେଠାରୁ ଖସିଯାଇଥିଲା। ଘଟଣାସ୍ଥଳରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ କୋରାପୁଟ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। କ୍ଷତିପୂରଣ ଦାବିରେ କୋରାପୁଟ ଟାଉନ ଥାନା ଆଗରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଧାରଣା ଦେଇଥିଲେ। ଜିଲା ପ୍ରଶାସନର ସହାୟତା ପରେ ମୃତଦେହ ଉଠାଇ ନେଇଛନ୍ତି ପରିବାର।

# ମୃତ ଶ୍ରମିକଙ୍କ ପରିବାରକୁ ସାହାହେଲା ଶ୍ରମକାର୍ଡ

ଜୟପୁର,୧୯।୮(ଡି.ଏନ୍.ଏ.)

**ବୀମା ଆକାରରେ ମିଳିବ ୨ ଲକ୍ଷ ୫ ହଜାର**

କୋରାପୁଟ ଓ ନବରଙ୍ଗପୁର ଜିଲାର ବହୁ ଶ୍ରମିକ ବାହାର ରାଜ୍ୟକୁ କାମଧନ୍ଦା ପାଇଁ ଯାଉଛନ୍ତି । ସେଠାରେ କୌଣସି ଅଘଟଣ କ୍ରମେ ମୃତାହତ ହେଲେ ସେମାନଙ୍କ ପରିବାର ରାସ୍ତାକୁ ଚାଲିଆସୁଥିଲେ। ପ୍ରଶାସନ କିମ୍ବା ଠିକାସଂସ୍ଥା କୌଣସି ସହାୟତା ଦେଉ ନଥିଲା। କିନ୍ତୁ ଶ୍ରମ ବିଭାଗରେ ପଞ୍ଜିକୃତ ଏବଂ ଶ୍ରମିକ କାର୍ଡ଼ ନବୀକରଣ କରୁଥିବା ଶ୍ରମିକଟିଏ ବାର୍ଷିକ ମାତ୍ର ୫୦ ଟଙ୍କା ଦେଇ ନିଜ ପରିବାରର ଭବିଷ୍ୟତକୁ ଆଶ୍ୱସ୍ତ କରିପାରୁଛି। ମୃତ ମଧୁଙ୍କ ପରିବାର ହେଉଛି ଏହାର ଏକ ଉଦାହରଣ।

କୋରାପୁଟ ଜିଲା ଲମତାପୁଟ ବ୍ଲକ ଜଲାହଞ୍ଜର ପଞ୍ଚାୟତ ସଦର ଗ୍ରାମରେ ମଧୁ କିର୍ସାନି (୪୭)ଙ୍କ ଘର। ଗତ ଜୁଲାଇରେ କେରଳର ଏକ ଖଜୁରି ବଗିଚାରେ ଶ୍ରମିକ ଭାବେ କାମ କରୁଥିଲେ। କିନ୍ତୁ ସେଠାରେ ବର୍ଷା ଓ ବନ୍ୟା ବିପ୍ରାତ ଯୋଗୁ ଗତ ୬ ତାରିଖ ରାତିରେ ସେ ଘରେ ଶୋଇଥିବା ବେଳେ ତାଙ୍କ ଉପରେ କାନ୍ଥ ପଡ଼ିଯାଇଥିଲା। ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଅଗଷ୍ଟ ୮ରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରୁ ତାଙ୍କ ମୃତଦେହ ଆଣିବା ପାଇଁ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଜୋରଦାର ଉଦ୍ୟମ କରିଥିଲା। ଫଳରେ ଗତ ୧୩ ତାରିଖରେ ସେଠାକାର ଖଜୁରୀ ବଗିଚାର ମାଲିକ ନିଜସ୍ୱ ଖର୍ଚ୍ଚରେ ବିମାନ ଯୋଗେ ମଧୁଙ୍କ ମୃତଦେହ ବିଶାଖପାଟଣା ଯାଏ ପଠାଇଥିଲେ। ସେଠାରୁ ଆମ୍ବୁଲାନ୍ସ ଜରିଆରେ ମଧୁଙ୍କ ପୈତୃକ ଗାଁରେ ମୃତଦେହ ପହଞ୍ଚାଇଥିଲା ପ୍ରଶାସନ। ତେବେ ସେ ୩ ବର୍ଷ ତଳେ ସ୍ଥାନୀୟ ପଞ୍ଚାୟତ ଜରିଆରେ ଶ୍ରମ ବିଭାଗରେ ନିଜକୁ ପଞ୍ଜିକୃତ କରିବା ସହ ଫି ବର୍ଷ ୫୦ ଟଙ୍କା ଦେଇ ଶ୍ରମିକ କାର୍ଡର ନବୀକରଣ କରୁଥିଲେ। ଫଳସ୍ୱରୂପ ମଧୁଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀଙ୍କୁ ବୀମା ଆକାରରେ ୨ ଲକ୍ଷ ୫ ହଜାର ଟଙ୍କାର ଅର୍ଥରାଶି ଦିଆଯିବ ବୋଲି ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ କହିଛନ୍ତି। ମୃତ୍ୟୁ ପ୍ରମାଣପତ୍ର ଓ ଆଇନଗତ କାଗଜପତ୍ର ଦାଖଲ କରିବା ପରେ ଏହି ଅର୍ଥରାଶି ମିଳିବ।



ମୃତ ମଧୁ କିର୍ସାନୀ (ଫାଇଲ ଫଟୋ)

## ୮୫ ଅଭିଯୋଗ ଶୁଣିଲେ ଜିଲାପାଳ

ଦଶମନ୍ତପୁର,୧୯।୮(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ମଧୁସୂଦନ ମିଶ୍ର ମୋଟ ୮୫ଟି ଅଭିଯୋଗ ଶୁଣିଛନ୍ତି। ସେଥିରେ ୪୦ଟି ବ୍ୟକ୍ତିଗତ ଓ ଅନ୍ୟସବୁ ସାମୂହିକ ଅଭିଯୋଗ ରହିଥିଲା। ଦଶମନ୍ତପୁର ବ୍ଲକରେ ରାସ୍ତା ଓ ଶିକ୍ଷା ସମ୍ପର୍କିତ ବହୁ ସମସ୍ୟା ଶୁଣାଣିରେ ଉପସ୍ଥାପନ କରାଯାଇଥିଲା। ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ବିଡିଓ ଡମ୍ବରୁଧର ମଲ୍ଲିକ ଏବଂ ବିଇଓ ଅର୍ପିତା ପ୍ରଧାନ ଗୁରୁତ୍ୱ ଦେବାକୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଗାଁ ଓ ହିତାଧିକାରୀଙ୍କ ନିକଟକୁ ଗଲେ ହିଁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଏହି ଶୁଣାଣିରେ ପ୍ରତ୍ୟେକ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଯେଉଁ ସ୍ଥାନରେ ପୋଲ ଏବଂ ପକ୍କା ରାସ୍ତା ଆବଶ୍ୟକ ରହିଛି, ସେନେଇ ଖୁବଶୀଘ୍ର ରିପୋର୍ଟ ଦାଖଲ କରିବା ପାଇଁ କହିଥିଲେ ଜିଲାପାଳ। କୋଡିଙ୍ଗାମାଳି ଯୋଗୁ ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିଲେ ହେଁ ଜନସାଧାରଣଙ୍କୁ ମାଳିର କର୍ତ୍ତୃପକ୍ଷ ଅଣଦେଖା କରୁଛନ୍ତି ବୋଲି ମୁର୍କାର ପଞ୍ଚାୟତ କୁନ୍ତେଶ ଗ୍ରାମର ମହିଳା ସଂଘ ଜିଲାପାଳଙ୍କୁ ଲିଖିତ ଓ ମୌଖିକ ଭାବେ ଅବଗତ କରିଥିଲା।



ଅଭିଯୋଗ ଶୁଣୁଛନ୍ତି କୋରାପୁଟ ଜିଲାପାଳ।

# ବନ ସୁରକ୍ଷା ସମିତି ସଭାଗୃହ ଉଦ୍‌ଘାଟିତ

ପଟ୍ଟାଙ୍ଗି,୧୯।୮(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ମାଳିପୁଟ ପଞ୍ଚାୟତ ଅଧୀନସ୍ଥ ସିପାଇପୁଟ ଗ୍ରାମରେ ବନ ସୁରକ୍ଷା ସମିତିର ସଭାଗୃହକୁ ଉଦ୍‌ଘାଟନ କରିଛନ୍ତି ଜିଲା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପି.। ଆମ ଜଙ୍ଗଲ ଯୋଜନା ମାଧମରେ ୩ ଲକ୍ଷ ୬୪ ହଜାର ଅନୁଦାନରେ ନିର୍ମିତ ହୋଇଥିବା ଏହି ସଭାଗୃହ ସ୍ଥାନୀୟ ଗ୍ରାମରେ ହେଉଥିବା ସଭା ସମିତି, ପର୍ବପର୍ବାଣିରେ ବ୍ୟବହାର କରାଯିବ। ଏହାର ଉଚିତ୍ ରକ୍ଷଣାବେକ୍ଷଣ କରିବା ପାଇଁ ଡିଏଫ୍‌ଓ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନ ସମୟରେ ଅନ୍ୟତମ ଅତିଥି ଭାବେ ସେମିଳିଗୁଡ଼ା ରେଞ୍ଜର ଜଗନ୍ନାଥ ପ୍ରସାଦ ବିଷୋୟି, ପଟ୍ଟାଙ୍ଗି ଫରେଷ୍ଟର ପ୍ରକାଶ ଚନ୍ଦ୍ର ରଥ, ସେମିଳିଗୁଡ଼ା ଫରେଷ୍ଟର ତ୍ରିପତି ପଣ୍ଡା, ସୁଙ୍କି ଫରେଷ୍ଟର ଗୋପୀନାଥ ପାଙ୍ଗି, ନନ୍ଦପୁର ଫରେଷ୍ଟର ରାଜୀବ ନନ୍ଦ ଖିଲ, ଫରେଷ୍ଟର ସାବିତ୍ରୀ ନାୟକ ଉପସ୍ଥିତ ଥିଲେ। ସେହିପରି ସେମିଳିଗୁଡ଼ା ରେଞ୍ଜ ଅଧୀନରେ ୪ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ କୁନ୍ଦୁଲି ବନରକ୍ଷୀ ବାସଗୃହ ଓ ଥାଟପଦର ଗ୍ରାମରେ ୩ ଲକ୍ଷ ୯୦ ହଜାର ବ୍ୟୟରେ ନବ ନିର୍ମିତ ପଞ୍ଚବଟୀ କୁଟିର ସଭାଗୃହକୁ ମଧ ଉଦ୍‌ଘାଟନ କରିଥିଲେ ବନଖଣ୍ଡ ଅଧିକାରୀ।



ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଡିଏଫ୍‌ଓ ପୂର୍ଣ୍ଣିମା ପି.ଙ୍କ ସହ ସ୍ଥାନୀୟ ମହିଳାମାନେ।

## ଠିକାଦାରଙ୍କ କ୍ୟାମ୍ପରୁ ସାମଗ୍ରୀ ଚୋରି

କୋଲାବନଗର,୧୯।୮(ଡି.ଏନ୍.ଏ.)

କୋରାପୁଟ ସଦର ଅନ୍ତର୍ଗତ କୋଲାବ ଯୋଜନାର ଶ୍ରମିକ ଓ କର୍ମଚାରୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ କଲୋନୀ ଉପକଣ୍ଠରେ ଏକ ବଡ଼ ପାଣିଟାଙ୍କି ୩୫ ଦିନ ତଳେ ନିର୍ମାଣ କରାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ଟାଙ୍କିର ବାଉଣ୍ଡାରୀ, ଜଳ ଯୋଗାଣ ଚାମ୍ବର, ଗେଟ୍ ଆଜି ପୁରୁଣା ହୋଇ ନଷ୍ଟ ହେବାକୁ ଯାଉଥିବା ବେଳେ ଯୋଜନା ତରଫରୁ ଏହାର ମରାମତି କାର୍ଯ୍ୟ ଜଣେ ଠିକାଦାରଙ୍କୁ ଦିଆଯାଇଥିଲା। ସେ ଏଥିପାଇଁ ବିଭିନ୍ନ ସାମଗ୍ରୀ ପାଣିଟାଙ୍କି କ୍ୟାମ୍ପରେ ରଖିଥିଲେ। ଗତ ୭ ତାରିଖ ବର୍ଷାରାତିରେ ସୁଯୋଗ ନେଇ ଚୋରମାନେ ତାରଜାଲି ବଣ୍ଡଲ, ଚିପ୍ସ, ବାଲି ଚୋରି କରିନେଇଛନ୍ତି।

## ୧୫୧ କେଜି ଗଞ୍ଜେଇ ଜବତ, ୨ ଗିରଫ

ବୈପାରୀଗୁଡ଼ା,୧୯।୮(ଡି.ଏନ୍.ଏ.)

ମାଲକାନଗିରିରୁ ଗଞ୍ଜେଇ ଚୋରା ଚାଲାଣ ବେଳେ ସୋମବାର ବୈପାରୀଗୁଡ଼ା ପୋଲିସ ଗୋଟିଏ ପିକଅପ୍ ଭ୍ୟାନ ସହ ୧୫୧ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ଥାନା ଏଏସ୍‌ଆଇ ଘାସିରାମ ସେଠୀ ପାଟ୍ରୋଲିଂ କରିବା ସମୟରେ ବାତ୍ରିପୁଟ ଛକଠାରେ ମାଲକାନଗିରି ପଟୁ ଆସୁଥିବା ଏକ ପିକଅପ୍ ଭ୍ୟାନ (ଓଡି୦୮ ୮୧୪୯)କୁ ଯାଞ୍ଚ କରିଥିଲେ। ଭ୍ୟାନ୍‌ରେ ଥିବା ଜରିବସ୍ତାରୁ ଗଞ୍ଜେଇ ମିଳିଥିଲା। ଆଇଆଇସି ରମେଶ ଦେବତାଙ୍କ ନେତୃତ୍ୱରେ ଅନ୍ୟ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ଗାଡ଼ି ଚାଳକ ଗଦାଧର ମାଝି (୨୦) ଓ ହେଲପର ଭକ୍ତ ନାୟକ (୨୨)। ଉଭୟଙ୍କ ଘର କଳାହାଣ୍ଡି ଜିଲା କୋକସରାରେ ଉଭୟଙ୍କ ଘର। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ।

# ନିଲମ୍ବିତ ହେଲେ ଫେରାର ଶିକ୍ଷକ

## ୧୬ ଦିନ ପରେ ବି ପୋଲିସ ହାତ ଖାଲି

କୋରାପୁଟ/ପୋଡ଼ାଗଡ଼, ୧୯।୮(ସ୍ୱ.ପ୍ର.)

**ନାବାଳିକାଙ୍କୁ ଅସଦାଚରଣ ଘଟଣା**

କୋରାପୁଟ ସଦର ଥାନା ତେନ୍ତୁଲିଗୁଡ଼ା ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ରୀକୁ ଅସାଧୁ ଆଚରଣ କରିବା ଘଟଣାରେ ବର୍ତ୍ତମାନ ୧୬ ଦିନ ବିତିଯାଇଥିବାବେଳେ ମଧ ପୋଲିସ ହାତ ଖାଲି ରହିଛି । ଅପରପକ୍ଷେ ଏହି ଘଟଣାରେ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସଂପୃକ୍ତ ଫେରାର ଶିକ୍ଷକ କେଶବ ପଟ୍ଟନାୟକଙ୍କୁ ନିଲମ୍ବିତ କରିଛନ୍ତି। ବର୍ତ୍ତମାନ ସଂପୃକ୍ତ ଶିକ୍ଷକ ଅବିଭକ୍ତ କୋରାପୁଟ ଜିଲାରେ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ପୋଲିସ ବିଭାଗ କାହିଁକି ତାଙ୍କୁ ଗିରଫ କରିପାରୁନାହିଁ ବୋଲି ପ୍ରଶ୍ନ ଉଠୁଛି।

ଏହି ଘଟଣା ପରେ ନାବାଳିକା ଜଣଙ୍କର କୋରାପୁଟ ମେଡିକାଲରେ ଡାକ୍ତରୀ ମାଇନା କରାଯାଇଥିବାବେଳେ ଜୟପୁରସ୍ଥିତ ପୋକସୋ କୋର୍ଟରେ ସିଆରପିସି ୧୬୪ ଧାରାରେ ମାଜିଷ୍ଟ୍ରେଟ ନାବାଳିକାଙ୍କ ବୟାନ ରେକର୍ଡ କରିଛନ୍ତି। ଏହି ଘଟଣାରେ ସଦର ଥାନାରେ ୭୫/୨୦୧୯ରେ ଏକ ମାମଲା ରୁଜୁ କରିବା ସହ ଗତ ୧୦ ତାରିଖ ଶନିବାର ୧୧ଟାରେ ପୋଲିସ ତେନ୍ତୁଲିଗୁଡା ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରି ଫେରିଛି। ଘଟଣାକୁ ଏତେଦିନ ବିତିଯାଇଥିଲେ ମଧ ପୋଲିସ ସଂପୃକ୍ତ ଶିକ୍ଷକଙ୍କୁ ଗିରଫ କରିବାରେ ବିଫଳ ହେବା ନେଇ ନାବାଳିକାଙ୍କ ପରିବାର ଓ ସ୍ଥାନୀୟ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ କିଛିଦିନ ତଳେ ସଂପୃକ୍ତ ବିଦ୍ୟାଳୟକୁ ବନ୍ଦ କରିଥିଲେ। ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ବିଦ୍ୟାଳୟ ଖୋଲିଥିଲା। ଶିକ୍ଷକଙ୍କ ଗିରଫଦାରୀରେ ବିଳମ୍ବ ନେଇ ସଦର ଥାନା ପୋଲିସକୁ ପଚାରିବାରୁ ସଂପୃକ୍ତ ଶିକ୍ଷକଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ପ୍ରକାଶ କରିଛନ୍ତି।

# ଅଧ୍ୟାପକ ପଦ ପୂରଣ ପାଇଁ ଧାରଣା ଦେଲେ ଛାତ୍ରୀଛାତ୍ର

କୋରାପୁଟ,୧୯।୮(ସ୍ୱ.ପ୍ର.)



ବିଶ୍ୱବିଦ୍ୟାଳୟ ଏକାଡେମିକ୍ ଭବନ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା।

**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

କୋରାପୁଟ ଜିଲା ସୁନାବେଢ଼ାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ କରିବା ଦାବିରେ ଏମ୍‌ବିଏ ଓ ସଂସ୍କୃତ ବିଭାଗର ଛାତ୍ରୀଛାତ୍ର ଏକାଡେମିକ ଭବନ ଆଗରେ ଧାରଣା ଦେଇଛନ୍ତି। କିଛି ମାସ ତଳେ ନୂତନ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ବଦଳରେ ପୂର୍ବରୁ ଥିବା ବହୁ ଅଧ୍ୟାପକଙ୍କୁ କାଢ଼ି ଦେଇଥିଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ପରେ ପାଠପଢ଼ାରେ ବ୍ୟାଘାତ ହେବାରୁ କେତେକ ଅଧ୍ୟାପକଙ୍କୁ ପୁନର୍ବାର ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଏମ୍‌ବିଏ ଓ ସଂସ୍କୃତ ବିଭାଗରେ ଅଧ୍ୟାପକଙ୍କ ଅଭାବ ଥିବାରୁ ବିଭାଗୀୟ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଶରତ କୁମାର ପାଲିତାଙ୍କୁ ଜଣାଇଥିଲେ। ଅଗଷ୍ଟ ୧୫ ସୁଦ୍ଧା ସମସ୍ତ ଅଧ୍ୟାପକଙ୍କୁ ନିଯୁକ୍ତ ଦିଆଯିବ ବୋଲି ପାଲିତା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହି ଅବଧି ସରିଯାଇଥିବା ବେଳେ କୁଳପତି ତାଙ୍କ ପ୍ରତିଶ୍ରୁତି ନ ରଖିବାରୁ ସୋମବାର ବିଶ୍ୱବିଦ୍ୟାଳୟର ଏମ୍‌ବିଏ ଓ ସଂସ୍କୃତ ବିଭାଗର ଛାତ୍ରୀଛାତ୍ର ଏକାଡେମିକ ବିଲ୍ଡିଂ ସମ୍ମୁଖରେ ଧାରଣା ଦେଇଥିଲେ । କୁଳପତି ଅନୁପସ୍ଥିତ ଥିବାବେଳେ ଏହି ଖବର ପାଇ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅସିତ କୁମାର ଦାସ ଧାରଣାସ୍ଥଳକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଦୀର୍ଘ ସମୟଧରି ଆଲୋଚନା କରିଥିଲେ। ୩ ଦିନପରେ ଭାରପ୍ରାପ୍ତ କୁଳପତି ଆସିଲେ ତାଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମଧ ଅଧ୍ୟାପକ ପଦବୀ ପୂରଣ ସହ ବିଭିନ୍ନ ସମସ୍ୟା ସମାଧାନ ପାଇଁ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବାରମ୍ବାର ଧାରଣା ଦେଇଛନ୍ତି।

# ବାଲିମେଳା ଜଳଭଣ୍ଡାରର ୨ ଗେଟ୍ ଖୋଲିଲା

ମାଲକାନଗିରି, ୧୯।୮(ଡି.ଏନ୍.ଏ.)

ସୋମବାର ବାଲିମେଳା ଜଳଭଣ୍ଡାର ଡ୍ୟାମର ୨ଟି ଗେଟ୍ ଖୋଲାଯାଇଛି। ସ୍ପିଡ଼୍ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୬୦୦୦ କ୍ୟୁସେକ୍ ପାଣି ନିଷ୍କାସନ ହେଉଛି। ଏହି ଜଳଭଣ୍ଡାରର ଜଳଧାରଣା କ୍ଷମତା ୧୫୧୪ ଫୁଟ। ଏବେ ଏହା ୧୪୯୨ ଫୁଟ ରହିଛି। ଜଳସ୍ତର କମ୍ ଥିଲେ ମଧ୍ୟ ଜଳ ଛଡାଯାଇଛି। ବାଲିମେଳା ଡ୍ୟାମ ସ୍ଥାପନ ସମୟରେ ଉଭୟ ଓଡିଶା ଓ ଆନ୍ଧ୍ର ସରକାର ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନ ପାଇଁ ଏହି ଡ୍ୟାମ୍‌ରୁ ୫୦ ପ୍ରତିଶତ ଲେଖାଏ ଜଳ ନେଇପାରିବେ ବୋଲି ଚୁକ୍ତି ହୋଇଥିଲା । ବର୍ତ୍ତମାନ ଆନ୍ଧ୍ରରେ ବୃଷ୍ଟିପାତ କମ୍ ଥିବାରୁ ବିଦ୍ୟୁତ୍ ଉତ୍ପାଦନ ଓ ଚାଷ ପାଇଁ ଜଳର ଆବଶ୍ୟକତା ପଡୁଛି। ଫଳରେ ଆନ୍ଧ୍ର ସରକାରଙ୍କ ଦାବି ଅନୁଯାୟୀ ଏହି ଜଳ ଛଡାଯାଇଥିବା ଜଣେ ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସିଲେରୁ ନଦୀରେ ଏହି ଜଳ ପ୍ରବାହିତ ହେଲେ ଆନ୍ଧ୍ର ସରକାରଙ୍କ ସିଲେରୁଠାରେ ଥିବା ଡ୍ୟାମ୍‌ରେ ଜଳ ପ୍ରବେଶ କରିବ। ସେହି ଡ୍ୟାମରୁ ଆନ୍ଧ୍ର ଚାଷ କାର୍ଯ୍ୟ ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ଏହି ଜଳ ନେଇ ବ୍ୟବହାର କରିବ । ସିଲେରୁ ଡ୍ୟାମରୁ ଅତ୍ୟଧିକ ଜଳ ଗଲେ ଏହାର ସଂରକ୍ଷଣ ଲାଗି ଆନ୍ଧ୍ରର ମତେଗୁଡେମ୍‌ଠାରେ ଅନ୍ୟ ଡ୍ୟାମ ପ୍ରତିଷ୍ଠା ହୋଇଛି। ଆନ୍ଧ୍ର ସରକାର ବାଲିମେଳା ଡ୍ୟାମର ୫୦ ପ୍ରତିଶତ ଜଳ ନେଇ ଉଭୟ ସିଲେରୁ ଏବଂ ମୋତେଗୁଡେମ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ବ୍ୟବହାର କରିବା ସହ ଚାଷ କାର୍ଯ୍ୟରେ ବିନିଯୋଗ କରିପାରିବେ। ଆଗାମୀ ଦିନରେ ଯଦି ବୃଷ୍ଟିପାତ ବୃଦ୍ଧି ପାଏ, ତେବେ ଆନ୍ଧ୍ର ସରକାର ସିଲେରୁ ଏବଂ ମୋତେଗୁଡେମ ଡ୍ୟାମର ଜଳ ସିଲେରୁ ନଦୀରେ ଛାଡିବେ। ଏହି ନଦୀ ଜଳ ମୋଟୁସ୍ଥିତ ଚିନା ଗୋଦାବରୀ ନଦୀରେ ମିଶିବ। ଆନ୍ଧ୍ର ସୀମାନ୍ତ ସିଲେରୁ ଏବଂ ଓଡିଶା ସୀମାନ୍ତ ସାବେରୀ ନଦୀର ଜଳ ଓଡିଶାର ସୀମାନ୍ତ ମୋଟୁଠାରେ ମିଳନ ହୋଇ ଚିନା ଗୋଦାବରୀରେ ପ୍ରବେଶ କରିବ। ଏସିଆର ସର୍ବବୃହତ୍ ପ୍ରକଳ୍ପ କୁହାଯାଉଥିବା ଆନ୍ଧ୍ରର ପୋଲାଭରମ୍ ପ୍ରକଳ୍ପରେ ଏହି ଜଳ ପ୍ରବେଶ କଲା ପରେ ପୋଲାଭରମ୍ ଡ୍ୟାମର ଜଳ ଉପରକୁ ଉଠିବ । ଫଳରେ ମୋଟୁ ଅଞ୍ଚଳର ୩ ପଞ୍ଚାୟତରେ ଏହାର ପ୍ରଭାବ ପଡିବ। ସୂଚନାଯୋଗ୍ୟ, ଗତ ଦୁଇ ସପ୍ତାହ ପୂର୍ବରୁ ଲଗାଣ ବର୍ଷାରେ ମାଲକାନଗିରି ଜିଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ମୋଟୁଠାରେ ଜଟିଳ ପରିସ୍ଥିତି ସୃଷ୍ଟି କରିଥିଲା। ଉଭୟ ସିଲେରୁ ଓ ସାବେରୀ ନଦୀଜଳ ନିଷ୍କାସିତ ହୋଇ ନ ପାରି ମୋଟୁ ଅଞ୍ଚଳର ୩ ପଞ୍ଚାୟତରେ ପ୍ରବେଶ କରି ବହୁ କ୍ଷୟକ୍ଷତି ଘଟାଇଥିଲା।


ଜଳ ଛାଡିବା ପାଇଁ ଖୋଲାଯାଇଥିବା ଗେଟ୍ ।

- ଚୁକ୍ତି ଅନୁଯାୟୀ ଜଳ ଛଡାଯାଇଛି
- ଆନ୍ଧ୍ରରେ କମ୍ ରହିଛି ବୃଷ୍ଟିପାତ
- ସିଲେରୁ ଓ ସାବେରୀ ନଦୀଜଳ ଚିନା ଗୋଦାବରୀରେ ମିଶିବ

## ଚିତ୍ରକୋଣ୍ଡା ଛକରେ ବୁଲୁଛି ଭାଲୁ

କୋରୁକୋଣ୍ଡା,୧୯।୮ (ଡ଼ି.ଏନ.ଏ.)-

ମାଲକାନଗିରି ଜିଲା ବାଲିମେଳା ବନାଞ୍ଚଳ ଅଧୀନ ଚିତାପାରି-୩ ପଞ୍ଚାୟତର ଚିତ୍ରକୋଣ୍ଡା ଛକରେ ରବିବାର ମଧ୍ୟାହ୍ନରେ ଏକ ଭାଲୁ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି। ସ୍ଥାନୀୟ ଲୋକେ ଏନେଇ ବନବିଭାଗକୁ ଜଣାଇଥିଲେ। ଖବର ପାଇ ବିଭାଗୀୟ କର୍ମଚାରୀ ପହଞ୍ଚି ଭାଲୁଟିକୁ ଧରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଭାଲୁଟି ଜଙ୍ଗଲରୁ ଆସି ଚିତ୍ରକୋଣ୍ଡା ଛକ ନିକଟବର୍ତ୍ତୀ ଅଞ୍ଚଳରେ ବୁଲୁଥିବା ବିଭାଗ ଅନୁମାନ କରୁଛି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ଦଳେଇଙ୍କୁ ପଚାରିବାରୁ ସେ କହିଲେ ଯେ, ବିଭାଗର କର୍ମଚାରୀ ରବିବାର ସନ୍ଧ୍ୟା ଓ ସୋମବାର ଦିନସାରା ଭାଲୁଟିକୁ ଘଉଡାଇବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ମାଲକାନଗିରି ବନ କର୍ଯ୍ୟାଳୟରୁ ଏକ ଯନ୍ତା ଅଣାଯାଇଛି। ଯଦି ଯନ୍ତାରେ ଭାଲୁଟି ନପଡେ ପରବର୍ତ୍ତୀ ସମୟରେ ତାକୁ ଟ୍ରାଙ୍କୁଲାଇଜର କରାଯିବାକୁ ଚିନ୍ତା କରାଯିବ ବୋଲି ଦଳେଇ କହିଛନ୍ତି।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ଭାଲୁ ଆକ୍ରମଣରେ ହୋଇଛି ମୃତ୍ୟୁ

ମାଲକାନଗିରି/ଖଇରପୁଟ, ୧୯।୮ (ଡି.ଏନ.ଏ.)-ଚାଷଜମିକୁ ଯାଇ ନିଖୋଜ ହୋଇ ଯାଇଥିବା ଜଣେ ଯୁବକଙ୍କ ଗଳିତ ମୃତଦେହ ତିନିଦିନ ପରେ ସୋମବାର ଉଦ୍ଧାର ହୋଇଛି। ତାଙ୍କ ନାମ ମଙ୍ଗଳା ପୂଜାରୀ । ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଝରିଆଗୁଡା ଗ୍ରାମର ମଙ୍ଗଳା ଗତ ତିନିଦିନ ତଳେ ନିଜ ଜମିକୁ ଚାଷକାର୍ଯ୍ୟ ପାଇଁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ । ପରିବାର ଲୋକେ ଅନେକ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ । ତେବେ ସୋମବାର ଝରିଆଗୁଡା ଗ୍ରାମ ନିକଟ ଜଙ୍ଗଲରେ ମଙ୍ଗଳାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଶରୀରରେ କ୍ଷତ ହୋଇଥିବା ଜଣାପଡିଛି। କୌଣସି ଜଙ୍ଗଲୀ ଜନ୍ତୁଙ୍କ ଆକ୍ରମଣ ଯୋଗୁ ମଙ୍ଗଳାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ପୋଲିସ ଓ ବନ ବିଭାଗ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ଭାଲୁ ଆକ୍ରମଣରେ ମଙ୍ଗଳାଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରୁ ଜଣାପଡଛି।

### ୩ ଲୁଟେରା ଗିରଫ

ସୋର, ୧୯।୮(ଡି.ଏନ.ଏ.)-ସୋର ଥାନା ଆଗରୁ ରବିବାର ବିଳମ୍ବିତ ରାତିରେ ଜଣେ ଟ୍ରକ୍ ଡ୍ରାଇଭରଙ୍କଠାରୁ ଲୁଟ୍ ଅଭିଯୋଗରେ ୩ଜଣ ଲୁଟେରାଙ୍କୁ ପୋଲିସ କାବୁ କରିଛି। ରାତିରେ ଥାନା ଅପରପାର୍ଶ୍ୱ ଜାତୀୟ ରାଜପଥ କଡରେ ଟ୍ରକ୍ ଛିଡା କରାଇ ଡ୍ରାଇଭର ସୋର ସହରସ୍ଥ କମରପୁର ଗ୍ରାମର ନରେଶ କୁମାର ରାମଦାସ ବିଶ୍ରାମ ନେଉଥିବା ବେଳେ ୩ଜଣ ଯୁବକ ମାଣାସ୍ତ୍ର ଦେଖାଇ ୫ ହଜାର ୨ ଶହ ଟଙ୍କା ଲୁଟି ନେଇଥିଲେ। ନରେଶ ତୁରନ୍ତ ଥାନାକୁ ଯାଇ ଏ ସମ୍ପର୍କରେ ଜଣାଇବା ପରେ ସୋର ପୋଲିସ ତୁରନ୍ତ ରାଜପଥ ନିକଟ ନଟାପଡା ଛକରୁ ଏହି ୩ ଲୁଟେରାଙ୍କୁ ଗିରଫ କରିଥିଲା। ଗିରଫ ଲୁଟେରାମାନେ ହେଲେ ସୋର ମ୍ୟୁନିସିପାଲିଟି ପଠାଣମହଲା ବସ୍ତିର ଜମିର ଅଲ୍ଲୀ ଶାହା, ଇଟୁଆ ଗ୍ରାମର ମହମ୍ମଦ ଅବଦୁଲ କରିମ୍ ଓ ଖପରାନାଳି ବସ୍ତିର ସେକ୍ ସଲିମ୍ ମହମ୍ମଦ। ଏନେଇ କେସ୍ ନଂ. ୩୬୦/୧୯ରେ ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଜୟନ୍ତୀ



ଚିତ୍ରକୋଣ୍ଡା,୧୯।୮(ଡି.ଏନ.ଏ.)-ଚିତ୍ରକୋଣ୍ଡା ନୀଳାଚଳ ସାରସ୍ୱତ ଶାଖା ସଂଘ ପକ୍ଷରୁ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ୧୪୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜାର୍ଚ୍ଚନା, ଆରତି, ସ୍ତୋତ୍ରପାଠ ଓ ବନ୍ଦନା ଆଦି କାର୍ଯ୍ୟକ୍ରମ ହୋଇଥିଲା। ସଂଘ ସଭାପତି ପ୍ରଭାତ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ବିଜୟ୍ ଲକ୍ଷ୍ମୀ, ଗୀତାଞ୍ଜଳିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସମ୍ପାଦକ ସଞ୍ଜୟ କୁମାର ପରିଡା ପରିଚାଳନା କରିଥିଲେ।

## ଖରିଫ ଧାନ ସଂଗ୍ରହ ପାଇଁ ଲ୍ୟାମ୍ପସ ପକ୍ଷରୁ ପଞ୍ଜୀକରଣ


ନାମ ପଞ୍ଜୀକରଣ ପାଇଁ ଚାଷୀଙ୍କ ଭିଡ ।

କାଲିମେଳା,୧୯।୮(ଡି.ଏନ.ଏ.)

ଚାଷୀଙ୍କଠାରୁ ଚଳିତ ୨୦୧୯-୨୦ ବର୍ଷ ଖରିଫଧାନ ସଂଗ୍ରହ ପାଇଁ ମଣ୍ଡିକାର୍ଡ ପ୍ରଦାନ ପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟକ୍ରମ କାଲିମେଳା ଲ୍ୟାମ୍ପସ ପକ୍ଷରୁ ଆରମ୍ଭ ହୋଇଛି। ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ କାଲିମେଳା ବ୍ଲକର ସମସ୍ତ ଚାଷୀମାନଙ୍କଠାରୁ ଫର୍ମ ସଂଗ୍ରହ କରାଯାଉଛି। ପଞ୍ଜୀକରଣ ପ୍ରକ୍ରିୟା ୧୨।୮।୧୯ରୁ ଆରମ୍ଭ ହୋଇଛି। ଏହା ୩୧।୮।୧୯ ପର୍ଯ୍ୟନ୍ତ ଚାଲିବ। ଲ୍ୟାମ୍ପସ ଅଧୀନରେ ଥିବା ୧୯ ପଞ୍ଚାୟତରେ ୧୦ ହଜାର ୯୭୦ ଜଣ ଚାଷୀ ରହିଛନ୍ତି। ସୋମବାର ସୁଦ୍ଧା ୧୬୦୦ ଚାଷୀ ପଞ୍ଜୀକରଣ ପାଇଁ ଫର୍ମ ପକାଇଥିବା ଜଣାପଡିଛି। ଚାଷୀଙ୍କଠାରୁ ଭୋଟର କାର୍ଡ, ଆଧାର,ଜମିପଟ୍ଟା,ବ୍ୟାଙ୍କ ପାସ୍‌ବୁକ, ରାଶନକାର୍ଡ ସଂଗ୍ରହ କରାଯାଉଛି । ଲ୍ୟାମ୍ପ ପରିଚାଳକ ବାସୁଦେବ ପାତ୍ରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟରେ ଜିତେନ୍ଦ୍ର ନାୟକ ଓ ଭାଗୀରଥି ଗାଇନ ସହଯୋଗ କରୁଛନ୍ତି।

## ଇଲେକ୍ଟ୍ରି ଦୋକାନରୁ ଚୋରି

ମାଲକାନଗିରି,୧୯।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଏକ ଇଲେକ୍ଟ୍ରିକାଲ ଦୋକାନରୁ ରବିବାର ରାତିରେ ୫୦ ହଜାର ଟଙ୍କା ଚୋରି ହୋଇଥିଲା। ଚୋରଟି ଦୋକାନର ଶଟରରେ ଲାଗିଥିବା ତାଲା ଭାଙ୍ଗି ସଟର ଖୋଲି ଦୋକାନ ଭିତରକୁ ଯାଇ କ୍ୟାସ ବାକ୍ସରୁ ୫୦ ହଜାର ଟଙ୍କା ଚୋରି କରି ନେଉଥିବା ବେଳେ ଏହା ସିସି ଟିଭିରେ କଏଦ ହୋଇଥିଲା। ସୋମବାର ସକାଳୁ ଦୋକାନ ମାଲିକ ଗୌରୀ ପ୍ରସାଦ ପଣ୍ଡା ଦୋକାନର ତାଲା ଭାଙ୍ଗି ପଡିଥିବା ଦେଖି ଦୋକାନ ଖୋଲିଲା ପରେ ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ। ତେବେ ଚୋରଟି ମୁହଁରେ ମାସ୍କ ପିନ୍ଧି ଟାୱାଲରେ ମୁହଁ ଘୋଡାଇ ଦେଇଥିବାରୁ ତାଙ୍କୁ ଚିହ୍ନି ହେଉନାହିଁ। ତେବେ ଘଟଣାର ତଦନ୍ତ ଚାଲିଛି। ଚୋରକୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି। ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଚାଲିଛି। ଖୁବ୍ ଶୀଘ୍ର ସେ ଧରାପଡିବ ବୋଲି ଥାନା ଅଧିକାରୀ ରାମପ୍ରସାଦ ନାଗ କହିଛନ୍ତି।

## ବିଳମ୍ବରେ ବାର୍ଦ୍ଧକ୍ୟ ଭତ୍ତା ମିଳିବାରୁ ଅସନ୍ତୋଷ

କାଲିମେଳା,୧୯।୮(ଡି.ଏନ.ଏ.)


ଭତ୍ତା ପାଇଁ ଆସି ପିଇଓଙ୍କୁ ଅପେକ୍ଷା କରିଥିବା ବୃଦ୍ଧାମାନେ ।

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଞ୍ଚାୟତର ପିଣ୍ଡିକୋଣ୍ଡା ଗ୍ରାମର କେତେକ ବୃଦ୍ଧାବୃଦ୍ଧଙ୍କୁ ବିଳମ୍ବରେ ବାର୍ଦ୍ଧକ୍ୟ ଭତ୍ତା ଦେବାରୁ ଏନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପଞ୍ଚାୟତର ପିଇଓ ବ୍ଲକ କାର୍ଯ୍ୟାଳୟରେ ନ ଥିବାରୁ ସେମାନେ ଦୀର୍ଘ ସମୟ ଅପେକ୍ଷା କରି ରହିଥିଲେ। ପିଣ୍ଡିକୋଣ୍ଡା ଗ୍ରାମରେ ଗତ ୧୬ ତାରିଖରେ ହିତାଧୀକାରିଙ୍କୁ ଭତ୍ତା ବଣ୍ଟନ କରିବା ପାଇଁ ପିଇଓ ଶ୍ରୀନିବାସ ପଣ୍ଡା ଯାଇଥିଲେ। ସେଠାରେ ସମସ୍ତ ହିତାଧିକାରୀ ଅନୁପସ୍ଥିତ ଥିଲେ । କେତେକ ବୃଦ୍ଧାବୃଦ୍ଧ ସେମାନଙ୍କ ଭତ୍ତା ପାଇଥିବା ବେଳେ ୬ ଜଣ ପାଇ ନ ଥିଲେ । ପିଇଓ ଅନୁପସ୍ଥିତ ହିତାଧିକାରୀ କିଭଳି ଭତ୍ତା ପାଇବେ ବ୍ୟବସ୍ଥା ନ କରି ସେଠାରୁ ଚାଲି ଆସିଥିଲେ। ଗତ ୨ ମାସ ଧରି ଭତ୍ତା ପାଇ ନ ପିଣ୍ଡିକୋଣ୍ଡା ଗ୍ରାମର ୬ ହିତାଧିକାରୀ କୁରା ଲାକା,ମାଡକାମି ସିଙ୍ଗା,ମାଡକାମି ଗଙ୍ଗା, କଞ୍ଜ ଗଙ୍ଗା ଓ କୁଞ୍ଜ ପାଣ୍ଡୁବୁଲି ପିଇଓ ପଣ୍ଡାଙ୍କୁ ଖୋଜି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ପିଇଓ ୧୦ଟାରେ ତାଙ୍କ ଦାୟିତ୍ୱରେ ଥିବା ମାନ୍ୟମକୋଣ୍ଡା ପଞ୍ଚାୟତକୁ ଚାଲି ଯାଇଥିଲେ। ପିଇଓଙ୍କୁ ନ ପାଇ ହିତାଧିକାରୀମାନେ ତାଙ୍କୁ ଦୀର୍ଘ ସମୟ ଅପେକ୍ଷା କରିଥିଲେ। ଏନେଇ ପିଇଓ ପଣ୍ଡା କହିଛନ୍ତି ଯେ, ସୋମବାର ମାନ୍ୟମକୋଣ୍ଡା ପଞ୍ଚାୟତକୁ ଯାଇ ଚାଲିଥିବା ଜନଶୁଣାଣିରେ ଯୋଗ ଦେଇଥିଲି। ସେଠାରୁ କାମ ସାରି ବ୍ଲକ କାର୍ଯ୍ୟାଳୟକୁ ଫେର ଅପେକ୍ଷା କରିଥିବା ହିତାଧିକାରୀଙ୍କୁ ଭତ୍ତା ଦେଇଥିଲି ବୋଲି କହିଥିଲେ।

## ବିଧାୟକଙ୍କ ବାଲିମେଳା ଗସ୍ତ

କୋରୁକୋଣ୍ଡା,୧୯।୮ (ଡ଼ି.ଏନ.ଏ.)


ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ।

ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ସୋମବାର ନିଜ ନିର୍ବାଚନମଣ୍ଡଳୀର ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଗସ୍ତ କରିଥିଲେ। ଏହି ଅବସରରେ ସେ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ଛାତ୍ରୀଛାତ୍ରଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ପୂର୍ବରୁ ଓଡିଶା ଜଳ ବିଦ୍ୟୁତ୍ ନିଗମ ପକ୍ଷରୁ ଆସୁଥିବା କଲେଜ ବସ୍ ଦୀର୍ଘ କିଛି ମାସ ଧରି ବନ୍ଦ ଥିବାରୁ ସେମାନେ କଲେଜ ଯିବା ଆସିବା ପାଇଁ ଅସୁବିଧା ହେଉଥିବା ଛାତ୍ରୀଛାତ୍ରମାନେ ଜଣାଇଥିଲେ। ଏନେଇ ସେ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ସେ ନିଳାକାମ୍ବେରୁ ପଞ୍ଚାୟତ ର କନ୍ଧଗୁଡା ପ୍ରାଥମିକ ବିଦ୍ୟାଳୟକୁ ଯାଇ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ବାଲିମେଳାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ସେଠାରେ ପିଲାମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଧାନଶିକ୍ଷକ ଅଜୟ କୁମାର ନାୟକ ଛାତ୍ରୀଛାତ୍ରଙ୍କ ତୁଳନାରେ ଶ୍ରେଣୀଗୃହ ଓ ଶିକ୍ଷକ କମ ଥିବା ବିଧାୟକ ବାକାଙ୍କୁ ଜଣାଇଥିଲେ। ପରେ ସେ ଜଳସେଚନ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ।

## ନୋଡାଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ପରୀକ୍ଷାଗାର ଜଳିଗଲା

କୁଡୁମୁଲୁଗୁମ୍ମା,୧୯।୮(ଡି.ଏନ.ଏ.)

କୁଡୁମୁଲୁଗୁମ୍ମାସ୍ଥିତ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ପରୀକ୍ଷାଗାରରେ ନିଆଁଲାଗି ପରୀକ୍ଷାଗାରଟି ନଷ୍ଟ ହୋଇଯାଇଛି । ରବିବାର ରାତିରେ ନିଆଁ ଲାଗିଥିବାରୁ ଏନେଇ କେହି ଜାଣି ପାରି ନ ଥିଲେ। ସୋମବାର ସକାଳୁ ଏହି ଘରୁ ଧୂଆଁ ବାହାରୁଥିବା ଛାତ୍ରୀଛାତ୍ରମାନେ ଦେଖିଥିଲେ। ଏ ବିଷୟରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଅବଗତ କରାଯିବା ପରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଲିଭାଇଥିଲେ। ସେତେବେଳକୁ ପରୀକ୍ଷାଗାରର ସମସ୍ତ ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଖବର ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଛାତ୍ରୀଛାତ୍ରମାନେ ବିଜ୍ଞାନ ପରୀକ୍ଷାଗାରକୁ ପୁନଃ କାର୍ଯ୍ୟକ୍ଷମ କରିବା ଲାଗି ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି।


ପୋଡିଯାଇଥିବା ବିଜ୍ଞାନାଗାର ।

## ନବାଗତ ଛାତ୍ରୀଙ୍କୁ ସ୍ୱାଗତ

ମାଲକାନଗିରି,୧୯।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମହିଳା ମହାବିଦ୍ୟାଳୟରେ ସୋମବାର ଯୁକ୍ତ ୨ର ନବାଗତ ଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଯୁକ୍ତ ୨ ଦ୍ୱିତୀୟ ବାର୍ଷିକ ଛାତ୍ରୀମାନେ ନବାଗତ ଛାତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ଅଧ୍ୟକ୍ଷ ଜେନା କହିଥିଲେ ଯେ, ତୁମେମାନେ ବିଦ୍ୟାଳୟରେ ପାଠ ପଢିବା ସମୟରେ ଯେଉଁ ପରିବେଶ ର ଅନୁଭୂତି ନେଇଆସିଛ ମହାବିଦ୍ୟାଳୟରେ ତାହା ଅଲଗା। ଏଠାରେ ନୀତି ନିୟମକୁ ମାନି ଶାନ୍ତି ଶୃଙ୍ଖଳାର ସହ ଅଧ୍ୟୟନ କରିବାକୁ ପଡିବ। ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ତ ପଦକ୍ଷେପ ନେଇଛନ୍ତି। ଛାତ୍ରୀମାନେ ମନଦେଇ ଶିକ୍ଷା ଗ୍ରହଣ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ଯଦି କୌଣସି ବରିଷ୍ଠ ଛାତ୍ରୀ ସେମାନଙ୍କୁ ର‍୍ୟାଗିଂ କରନ୍ତି ତେବେ ତାହା ତାଙ୍କ ଦୃଷ୍ଟିକୁ ଆଣିବାକୁ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ ।


ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ ।

## ରକ୍ତଦେଇ ପ୍ରସୂତିଙ୍କ ଜୀବନ ବଞ୍ଚାଇଲେ ଦୁଇ ଶିକ୍ଷକ ବନ୍ଧୁ

ଏମ୍‌ଭି ୭୯,୧୯।୮(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି- ୧୨୭ ବିଦ୍ୟାଳୟର ଜଣେ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ ରକ୍ତ ଦେଇ ଜଣେ ଗରିବ ଆଦିବାସୀ ପ୍ରସୂତିଙ୍କ ଜୀବନ ବଞ୍ଚାଇଛନ୍ତି। କାଲିମେଳା ବ୍ଲକ ବଡ଼ିଗେଟା ପଞ୍ଚାୟତ ଟେକଗୁଡା ଗ୍ରାମର ଲୋକେ ଲେକା କବାସୀଙ୍କ ସ୍ତ୍ରୀ କବାସୀଙ୍କୁ ଗତ କିଛି ଦିନ ତଳେ କାଲିମେଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେ ସୋମବାର ଏକ ଶିଶୁପୁତ୍ର ଜନ୍ମ ଦେବା ପରେ ଦୁର୍ବଳ ହୋଇ ପଡିଥିଲେ। ତାଙ୍କର ରକ୍ତ ଦରକାର ପଡିଥିଲା। କାଲିମେଳା ସ୍ୱାସ୍ଥକେନ୍ଦ୍ରରେ ରକ୍ତ ନ ଥିବାରୁ ଡାକ୍ତରଖାନା ପକ୍ଷରୁ ତାଙ୍କୁ ରକ୍ତ ଦେବା ସମ୍ଭବ ହୋଇ ନ ଥିଲା। ଅନ୍ୟ କେଉଁଆଡୁ ଯୋଗାଡ କରି ରକ୍ତଦେବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଏହି ସମୟରେ ପ୍ରସୂତିଙ୍କୁ ନିହାତି ରକ୍ତ ଦରକାର ବୋଲି କେହି ଜଣେ ହ୍ୱାଟ୍ସଆପରେ ମେସେଜ ଛାଡି ଦେଇଥିଲେ। ଡାକ୍ତରଖାନାରେ କବାସୀ ମରଣ ସହ ସଂଘର୍ଷ କରୁ ଥିଲେ। ଏହି ମେସେଜ ଦେଖି ଏମଭି-୭୯ ଗ୍ରାମର ଶିକ୍ଷକ ମାନସ ରଞ୍ଜନ ନାୟକ ତାଙ୍କ ବନ୍ଧୁ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳଙ୍କୁ ନେଇ ସନ୍ଧ୍ୟାରେ ଜିଲା ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରିଥିଲେ। ରକ୍ତ ପାଇବା ପରେ ପ୍ରସୂତି ଓ ତାଙ୍କର ନବଜାତ ଶିଶୁପୁତ୍ର ଭଲ ଅଛନ୍ତି ବୋଲି ଡାକ୍ତର କହିଛନ୍ତି । ତେବେ ସେମାନଙ୍କ ଏପରି କାର୍ଯ୍ୟ ନେଇ ପ୍ରସୂତିଙ୍କ ପରିବାର ଓ ଗ୍ରାମବାସୀ ଉଭୟ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ମାଲାକାନଗିରି ଜିଲାରେ ରକ୍ତ କିଣିବା ପାଇଁ ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ଗରିବ ରୋଗୀମାନେ ଡାକ୍ତରଖାନାରୁ ଆବଶ୍ୟକ ସମୟରେ ରକ୍ତ ପାଇପାରୁନାହାନ୍ତି । ସ୍ୱଚ୍ଛଳ ବର୍ଗର ରୋଗୀମାନେ ଜୟପୁର ଓ କୋରାପୁଟରୁ ରକ୍ତ ଯୋଗାଡ କରି ନିଜ ରୋଗୀଙ୍କୁ ଦେଉଛନ୍ତି । ରକ୍ତଭଣ୍ଡାରରେ ରକ୍ତ ଅଭାବଜନିତ ସମସ୍ୟା ଏପରି ଜାରି ରହିଲେ ଆଗାମୀ ଦିନରେ ରୋଗୀମାନେ ରକ୍ତ ଅଭାବରୁ ଚିକିତ୍ସିତ ହୋଇ ନ ପାରି ମୃତ୍ୟୁବରଣ କରିବା ଆଶଙ୍କାକୁ ଏଡାଇଯାଇ ନ ପାରେ।


ରକ୍ତ ଦେଉଥିବା ପ୍ରଶାନ୍ତ ।

## ସଂକ୍ଷେପରେ

### ନାବାଳିକା ୮ ମାସର ଗର୍ଭବତୀ
## ପୀଡିତା ଏସପିଙ୍କ ଦ୍ୱାରସ୍ଥ

**ନବରଙ୍ଗପୁର,୧୯।୮(ବି.ପ୍ର.)-** ଜଣେ ନାବାଳିକା ୮ ମାସର ଗର୍ଭବତୀ ହୋଇ ନ୍ୟାୟ ପାଇଁ ସୋମବାର ନବରଙ୍ଗପୁର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନାବାଳିକା ସହ ଜୋର ଜବରଦସ୍ତି ସୁଧୀର ବେହେରା ଶାରିରୀକ ସମ୍ପର୍କ ରଖିଥିଲେ। ଫଳରେ ନାବାଳିକା ଜଣକ ୮ ମାସର ଗର୍ଭବତୀ ହୋଇଥିଲେ। ଏନେଇ ତେନ୍ତୁଳିଖୁଣ୍ଟି ଥାନାରେ ମେ ୨୮ ତାରିଖରେ ନାବାଳିକା ଏତଲା ଦେଇଥିଲେ। ଏତଲା ଭିତ୍ତିକରି ପୋଲିସ ଥାନାରେ ନଂ ୫୬/୧୯ ଏକ ମାମଲା ରୁଜୁ କରିଛି । ତେବେ ଅଭିଯୁକ୍ତ ଜଣକ ଖୁଲମ ଖୁଲା ବୁଲୁଥିବା ବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ନେଇ ପୀଡିତା ପରିବାର ଲୋକଙ୍କ ସହ ଆସି ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର

**ଡାବୁଗାଁ, ୧୯।୮ (ଡି.ଏନ.ଏ.)-** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ସରାଗୁଡା ଛକ ନିକଟରେ ଥିବା ନଦୀ ପାଖରେ ସୋମବାର ମଧ୍ୟାହ୍ନରେ ମୋଟର ସାଇକେଲ ଦୁର୍ଘଟଣା ଘଟି ଜଣେ ଗୁରୁତର ହୋଇଛନ୍ତି। ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବୈଷୟିକ ସହାୟକ ଯୋଗେଶ କୁମାର ବିଶୋୟୀ ଡାବୁଗାଁରୁ ବାଇକ (ନଂ.ଓଡି୨୪-୬୮୭୭) ଯୋଗେ ନିଜ ଘର ଉମରକୋଟ ଫେରୁଥିଲେ। ଏହି ସମୟରେ ସରଗୁଡା ଛକ ନିକଟ ବେଲ୍ଲାରୀ ନଦୀ ପୋଲ ଆରପଟେ ଥିବା ହମ୍ପ ଉପରେ ଭାରସାମ୍ୟ ହରାଇ ରାସ୍ତା କଡକୁ ପଡି ଆହତ ହୋଇଥିଲେ । ଖବରପାଇ ଡାବୁଗାଁ ଅଗ୍ନିଶମ ଗାଡି ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ସୁନେତ୍ର ଯୋଜନାରେ ଶିକ୍ଷକଙ୍କୁ ତାଲିମ



**ଡାବୁଗାଁ,୧୯।୮ (ଡି.ଏନ.ଏ.)-** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସୁନେତ୍ର ଯୋଜନାରେ ଶିକ୍ଷକମାନଙ୍କୁ ତାଲିମ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଭାଗର କର୍ମଚାରୀ ରାମ ପ୍ରସାଦ ଦାଶ ଯୋଗ ଦେଇ ବିଦ୍ୟାଳୟରେ ଶିକ୍ଷକମାନେ କିପରି ଛାତ୍ରୀଛାତ୍ରମାନଙ୍କ ଆଖି ପରୀକ୍ଷା କରି ପାରିବେ ସେ ନେଇ ତାଲିମ ଦେଇଥିଲେ। ଏଥିରେ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା ଯୋଗ ଦେଇ ସୁନେତ୍ର ଯୋଜନାରେ ଛାତ୍ରୀଛାତ୍ରମାନେ କିପରି ବହୁଳ ଭାବେ ଉପକୃତ ହେବେ ସେ ନେଇ ଶିକ୍ଷକମାନେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁ ସାହୁକାର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜଗୁଆ ପୂଜାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେଶ ଚନ୍ଦ୍ର ଶାହା ଓ ବ୍ଲକର ୬୩ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଘର ଝରକା ତାଡି ଲୁଟ

**ନବରଙ୍ଗପୁର,୧୯।୮(ବି.ପ୍ର)-** ନବରଙ୍ଗପୁର ସହରସ୍ଥିତ ମହିମା କଲୋନୀର ପ୍ରଭାତୀ ପଟ୍ଟନାୟକଙ୍କ ଘରର ଝରକା ତାଡି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ପ୍ରଭାତୀ ବ୍ରହ୍ମପୁର ଯାଇଥିବାରୁ କଣ ଚୋରି ହୋଇଛି ତାହା ଜଣାପଡି ନାହିଁ। ଘରର ଆଲମିରା ଭଙ୍ଗା ଯାଇଛି। ୨ ମହଲାର ଲୋକମାନେ ପ୍ରଭାତୀଙ୍କ ଘରର ଝରକା ତଡା ଯାଇଥିବା ସୋମବାର ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ତେବେ ପ୍ରଭାତୀ ନ ଥିବାରୁ ସେ ଆସି ଏତଲା ଦେବା ପରେ କଣ ଚୋରି ହୋଇଛି ଜଣାପଡିବ।

# ୩୦ ଦାଦନ ଶ୍ରମିକ ଉଦ୍ଧାର

- ଦାଦନ ଖଟିବାକୁ ଛତିଶଗଡରୁ ବିଶାଖାପାଟଣା ଯାଉଥିଲେ
- ଛତିଶଗଡ ପ୍ରଶାସନକୁ କରାଯିବ ହସ୍ତାନ୍ତର

**ନବରଙ୍ଗପୁର,୧୯।୮(ବି.ପ୍ର.)**

ଦାଦନ ସମସ୍ୟା କେବଳ ଓଡିଶା ନୁହେଁ ଛତିଶଗଡ ରାଜ୍ୟରେ ମଧ୍ୟ ଦେଖା ଦେଇଛି । କାମଧନ୍ଦା ନପାଇ ଯୁବକ ଯୁବତୀମାନେ ନିଜ ରାଜ୍ୟ ଛାଡି ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଉଛନ୍ତି। ଦାଦନ ଖଟିବାକୁ ଛତିଶଗଡର ଶ୍ରମିକମାନେ ବସରେ ବିଶାଖାପାଟଣା ଯାଉଥିବା ବେଳେ ନବରଙ୍ଗପୁର ପୋଲିସ ରବିବାର ରାତିରେ ୩୦ ଜଣଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୫ ନାବାଳିକା , ୫ ନାବାଳକ ଏବଂ ୪ ଜଣ ମହିଳା ଅଛନ୍ତି। ଶ୍ରମିକମାନେ ହେଲେ ଛତିଶଗଡ ରାଜ୍ୟର କୋଣ୍ଡାଗାଁ ଓ ନାରାୟଣପୁର ଜିଲାର ।

ଶ୍ରମିକମାନେ ବିଶାଖାପାଟଣାର ଏକ ଇଟାଭାଟି ଓ କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ ପାଇଁ ନିୟମିତ ବ୍ୟବଧାନରେ ଯାଉଛନ୍ତି । ଗାଁ ଓ ଆଖ ପାଖରେ କାମ କଲେ ଦୈନିକ ଦୁଇଶହ ଟଙ୍କା ମଜୁରୀ ମିଳୁଛି । କାମଧନ୍ଦା ମିଳୁନାହିଁ । ବିଶାଖାପାଟଣାରେ ଠିକାଦାର ଦୈନିକ ୩ଶହ ଟଙ୍କା ଓ ଖାଇବାକୁ ଦେଉଥିଲେ ବୋଲି କହିଛନ୍ତି। ସମସ୍ତେ ମହାଲକୋଟ, କରୋଣ୍ଡା, ମାରସକତୁ, କୁଲାନର, ଅଟରଗାଁଓ ଏବଂ କୋରକଣ୍ଡା ପାଲି ଗାଁର ବୋଲି ଜଣାପଡିଛି। ସମସ୍ତ ଶ୍ରମିକ କୋଣ୍ଡାଗାଁରୁ ବସରେ ଚଢି ଉମରକୋଟ ଆସିଥିଲେ। ଉମରକୋଟରୁ ଏକ ଘରୋଇ ବସରେ ବିଶାଖାପାଟଣା ଯାଉଥିଲେ । ନବରଙ୍ଗପୁର ପୋଲିସ ଦାଦନ ଶ୍ରମିକ ଯାଉଥିବା ନେଇ ଖବର ପାଇ ମାଝିଗୁଡା ଛକଠାରେ ବସକୁ ରାତି ସାଢେ ୧୦ଟାରେ ଅଟକାଇଥିଲେ । ପରେ ସମସ୍ତ ଶ୍ରମିକଙ୍କୁ ନବରଙ୍ଗପୁର ଥାନାକୁ ଆଣି ଜଲା ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ । ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗାଇପାଇ ଥାନାରେ ସମସ୍ତଙ୍କ ପରିଚୟ ନେବା ସମୟରେ ୫ ନାବାଳିକା ଓ ୫ ନାବାଳକ ରହିଥିବା ଜାଣିବାକୁ ପାଇଥିଲେ । ୧୦ ଜଣଙ୍କୁ ଜିଲା କଲ୍ୟାଣ କମିଟି ନିକଟରେ ହାଜର କରାଯାଇଥିଲା। ଏଠାକାର କମିଟି କାଉନସିଲିଂ କରି ଛତିଶଗଡ ରାଜ୍ୟର ଉକ୍ତ ଦୁଇ ଜିଲାର ଜିଲା ମଙ୍ଗଳ କମିଟିଙ୍କୁ ଚିଠି କରି ଜଣାଇଥିଲେ। ସମସ୍ତ ଶ୍ରମିକଙ୍କୁ ଶ୍ରମ ବିଭାଗ, ପୋଲିସ ଓ ଜିଲା ଶିଶୁ କଲ୍ୟାଣ କମିଟିର ଏକ ଟିମ ସେଠାକାର ଜିଲାପାଳଙ୍କ ନିକଟରେ ହସ୍ତାନ୍ତର କରିବ। ନାବାଳିକା, ନାବାଳକଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି ନିକଟରେ ହସ୍ତାନ୍ତର କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ଗାଇପାଇ କହିଛନ୍ତି । ତେବେ ଦାଦନ ଶ୍ରମିକ ଉଦ୍ଧାର ସମୟରେ ନବରଙ୍ଗପୁର ଥାନା ଏସଆଇ ଦେବଦତ୍ତ ମଲ୍ଲିକ, ନିଳିମା ପାଣିଗ୍ରାହୀ, ଏଏସଆଇ ବଟ କୃଷ୍ଣ ଗୌଡ, ସୋମନାଥ ନାୟକ ଓ କନଷ୍ଟେବଳ ଅନିଲ କୁମାର ପୃଷ୍ଟି ପ୍ରମୁଖ ରହିଥିଲେ ।



ଜିଲା ଶ୍ରମ ଅଧିକାରୀ ଉଦ୍ଧାର ଶ୍ରମିକଙ୍କ ପରିଚୟ ବୁଝୁଛନ୍ତି ।

- ବିଚାରାଧିନ ଅନ୍ତେବାସୀଙ୍କୁ ଧମକାଇ ଟଙ୍କା ଆଦାୟ ଅଭିଯୋଗ

# ହୋମଗାର୍ଡ କୋର୍ଟ ଚାଲାଣ

**ନବରଙ୍ଗପୁର,୧୯।୮(ବି.ପ୍ର.)**

ନବରଙ୍ଗପୁର ଉପକାରାଗାରରେ ଜଣେ ବିଚାରାଧୀନ ଅନ୍ତେବାସୀଙ୍କୁ ଧମକାଇ ଟଙ୍କା ଆଦାୟ ଅଭିଯୋଗରେ ନବରଙ୍ଗପୁର ପୋଲିସ ହୋମଗାର୍ଡ ସୀମାଞ୍ଚଳ ଜାନୀଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ନବରଙ୍ଗପୁର ଉପକାରାଗାରରେ ଡ୍ୟୁଟି କରୁଥିବା ହୋମଗାର୍ଡ ଜେଲ ହେପାଜତକୁ ଯିବା ଘଟଣା ଜିଲାରେ ପ୍ରଥମ । ହୋମଗାର୍ଡ ସିମାଞ୍ଚଳ ଜାନୀ ୧ ତାରିଖରୁ ନବରଙ୍ଗପୁର ଉପକାରାଗାରରେ ଡ୍ୟୁଟିରେ ଯୋଗ ଦେଇଥିଲେ। ଗାଦବାଗୁଡା ସାହିର ଏ. ବାସୁଦେବ ରାଓ ନବରଙ୍ଗପୁର ଉପକାରାଗାରରେ ବିଚାରାଧିନ ଅନ୍ତେବାସୀ ଭାବେ ରହିଛନ୍ତି । ଚିଟଫଣ୍ଡ କରି ବିଭିନ୍ନ ବ୍ୟବସାୟୀଙ୍କ ଠାରୁ ଟଙ୍କା ଆଦାୟ କରି ନ ଫେରାଇବା ନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ପରେ ବାସୁଦେବଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ନବରଙ୍ଗପୁରର ଠିକାଦାର ତଥା ବ୍ୟବସାୟୀ ପ୍ରଦୀପ ଅଗ୍ରୱାଲ ହତ୍ୟା ଘଟଣାରେ ବିଚାରାଧିନ ଅନ୍ତେବାସୀ ଭାବେ ଉପକାରାଗାରରେ ସେଖ ସିରାଜ ରହିଛନ୍ତି। ବାସୁଦେବଙ୍କୁ ସିରାଜ ହତ୍ୟା ଧମକ ଦେଇଥିଲା । ବାହାର ଲୋକଙ୍କ ଠାରୁ ଟଙ୍କା ଆଦାୟ କରି ଏତେ ଟଙ୍କା ରଖିଛୁ । ଟଙ୍କା ଦେବାକୁ କହିଥିଲା। ଏପରିକି ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସିରାଜ ଦାବି କରିଥିଲେ। ଏହି ଘଟଣାରେ ସୀମାଞ୍ଚଳ ମଧ୍ୟସ୍ଥି ହୋଇ ସିରାଜ ସହ ସମ୍ପର୍କ ରଖିଥିଲେ। ୧୪ ତାରିଖରେ ସୀମାଞ୍ଚଳ ତାଙ୍କ ମୋବାଇଲରେ ବାସୁଦେବଙ୍କ ମାଆକୁ ଫୋନ କରି ଟଙ୍କା ମାଗିଥିଲେ। ଏଥିସହ ବାସୁଦେବଙ୍କ ଠାରୁ ଏକ କାଗଜରେ ୫୦ ହଜାର ଟଙ୍କା ଦେବା ପାଇଁ ଲେଖାଇ ନେଇ ତାଙ୍କ ଘରେ ସୀମାଞ୍ଚଳ ପହଞ୍ଚିଥିଲେ। ବାସୁଦେବଙ୍କ ପରିବାର ଲୋକ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ ପଟ୍ଟନାୟକଙ୍କ ଦୃଷ୍ଟିକୁ ଏହା ଆଣିଥିଲେ। ସୁପରିଣ୍ଟେଣ୍ଡେଣ୍ଟ ପଟ୍ଟନାୟକ ଏହି ଘଟଣାର ତଦନ୍ତ କରିଥିଲେ। ଏହି ଘଟଣାର ଅଧିକ ତଦନ୍ତ କରିବା ପାଇଁ ପରେ ନବରଙ୍ଗପୁର ଥାନାକୁ ଜଣାଇଥିଲେ । ଏନେଇ ପୋଲିସ ଥାନାରେ ନଂ ୧୬୨/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ସିମାଞ୍ଚଳଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲେ। କୋର୍ଟ ତାଙ୍କୁ ଜେଲ ହେପାଜତକୁ ପଠାଇଦେଇଛି।

- ଆଇନଜୀବୀଙ୍କୁ ବନ୍ଧୁକ ଦେଖାଇ ଟଙ୍କା ମାଗିବା ଘଟଣା

## ଅଭିଯୁକ୍ତଙ୍କ ସପକ୍ଷରେ ବକାଲାତନାମା ଦାଖଲ ନ କରିବାକୁ ଓକିଲ ସଂଘ ନିଷ୍ପତ୍ତି



ଉପସ୍ଥିତ ଓକିଲ ସଂଘର ସଦସ୍ୟମାନେ ।

**ନବରଙ୍ଗପୁର,୧୯।୮(ବି.ପ୍ର.)**

ନବରଙ୍ଗପୁର ଓକିଲ ସଂଘର ଜଣେ ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ମାଗିବା ଓ ହତ୍ୟା ଧମକ ଦେବା ଘଟଣାରେ ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କ ବିରୋଧରେ ଓକିଲ ସଂଘ କଡା ଆଭିମୁଖ୍ୟ ଗ୍ରହଣ କରିଛି। ଗିରଫ ୪ ଅଭିଯୁକ୍ତଙ୍କ ସପକ୍ଷରେ କୌଣସି ଆଇନଜୀବୀ ବକାଲାତନାମା ଦେବେ ନାହିଁ ବୋଲି ସଂଘ ନିଷ୍ପତ୍ତି ଗ୍ରହଣ କରିଛି। ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଓକିଲଙ୍କୁ ବନ୍ଧୁକ ମୁନରେ ଦାଦାବଟି ମାଗିବା ଓ ହତ୍ୟା ଧମକ ଦେବା ଘଟଣାକୁ ସଂଘର ସଭାପତି ନରସିଂହ ତ୍ରିପାଠୀ ଓ ସଂପାଦକ ରାମ ପ୍ରସାଦ ପାତ୍ର ନିନ୍ଦା କରିଥିଲେ। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଜାମିନ ନିମନ୍ତେ ଜିଲାର କୌଣସି ଆଇନଜୀବୀ ଅକାଲାତନାମା ଦେବେ ନାହିଁ ବୋଲି ସଂଘ ସ୍ପଷ୍ଟ କରିଛି। ଏପରିକି ଅବିଭକ୍ତ କୋରାପୁଟ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟିକୁ ଏ ସମ୍ପର୍କରେ ଅବଗତ କରାଯିବା ସହ ଏହି ମାମଲାରେ କୌଣସି ଆଇନଜୀବୀ ସାହାଯ୍ୟ ନକରିବାକୁ ଜିଲା ସଂଘ ଜଣାଇଛି । ରାଜ୍ୟ ବାର କାଉନସିଲ ସମ୍ପାଦକଙ୍କୁ ମଧ୍ୟ ଏନେଇ ଚିଠି ମାଧ୍ୟମରେ ଦର୍ଶାଇଛନ୍ତି । ସଂପାଦକ ପାତ୍ର ଏ ସମ୍ପର୍କରେ କଟକ ବାର କାଉନସିଲକୁ ମଧ୍ୟ ପତ୍ର ଲେଖିଥିବା ସଭାପତି ନରସିଂହ ତ୍ରିପାଠୀ କହିଛନ୍ତି। ଜିଲାରେ ଅପରାଧ ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅପରାଧିମାନେ ଜେଲରୁ ଜାମିନରେ ବାହାରି ପୁଣିଥରେ ଅପରାଧ କାୟାବିସ୍ତାର କରୁଛନ୍ତି। ଜିଲାର ନାବାଳକ, ଯୁବଗୋଷ୍ଠୀଙ୍କୁ ଅପରାଧିମାନେ ମତେଇ ଏକ ଗ୍ୟାଙ୍ଗ ସୃଷ୍ଟି କରି ସେମାନଙ୍କୁ ବିଭିନ୍ନ ଅପରାଧ ଘଟଣାରେ ସାମିଲ କରୁଛନ୍ତି। ଗିରଫ ଅଭିଯୁକ୍ତଙ୍କ ଚେର କେତେ ଦୂର ଲମ୍ବିଛି ତାହା ମୂଳତପ୍ରୋଟନ କରାଯିବାକୁ ଦାବୀ କରାଯାଇଛି । ଏହା କରାନଗଲେ ଜିଲା ସମ୍ପୂର୍ଣ୍ଣ ଅପରାଧିମାନଙ୍କ ଚରାଭୂଇଁ ପାଲଟିଯିବ ବୋଲି ସଭାପତି ନରସିଂହ ତ୍ରିପାଠୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ହରି ନାରାୟଣ ବେହେରା, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ପଟ୍ଟନାୟକ, ନମିତା ପଟ୍ଟନାୟକ ଉପସ୍ଥିତ ରହିଥିଲେ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି


**ତେନ୍ତୁଳିଖୁଣ୍ଟି, ୧୯।୮(ଡି.ଏନ.ଏ.)**

ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀକକ୍ଷରେ ଅଭିଯୋଗ ଶୁଣାଣି କରିଛନ୍ତି । ଏଥିରେ ୬୩ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମସ୍ତରୀୟ ଅଭିଯୋଗ ହୋଇଥିଲା। ହିତାଧିକାରୀ ତାଲିକାର ନାମ ବାଦ୍ ଦିଆଯାଇଥିବା ଅଭିଯୋଗର ତଦନ୍ତ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମ ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଅକ୍ଷମିତା କାର୍ତ୍ତିକ, ତହସିଲଦାର ପ୍ରଦୀପ କୁମାର କର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଏସଇଓ ବଳରାମ ସୁନା ପ୍ରମୁଖ ଯୋଗ ଦେଇଥିଲେ । ଅଭିଯୋଗ ଶୁଣାଣି ପରେ ଜିଲାପାଳ ଲମତାଗୁଡା ଗ୍ରାମପଞ୍ଚାୟତର ଉପରଗୋଡିଠାରେ ଅଗ୍ରଗାମୀ ଦ୍ୱାରା ଜନସହଭାଗିତାରେ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ । ତାପରେ ପୂଜାରୀଗୁଡା ଗ୍ରାମପଞ୍ଚାୟତର କାନ୍ଦ୍ରାଗୁଡାରେ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦେଖିଥିଲେ । ଗୋଡିଗାଁ ଓ କାନ୍ଦ୍ରାଗୁଡା ଭଳି ଅଗମ୍ୟ ଅଞ୍ଚଳକୁ ଯାଇଥିଲେ। ପୂଜାରୀଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା, ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ବଣ୍ଟନ, ଜଳଯୋଗାଣ ଆଦି ବ୍ୟବସ୍ଥାର ସମୀକ୍ଷା କରିଥିଲେ ।



- ନାଟଗୁରୁ ଓ କଳାକାର ସଂଘ ତରଫରୁ ଶୋଭାଯାତ୍ରା

# ମୌଳିକ ସମସ୍ୟାର ସମାଧାନ ଦାବି



ବିଡିଓଙ୍କୁ ସଂଘର ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି ।

**ଝରିଗାଁ,୧୯।୮(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ମା' ଠାକୁରାଣୀ ଦେଶିଆ ନାଟଗୁରୁ ଓ କଳାକାର ସଂଘ ତରଫରୁ ସ୍ଥାନୀୟ ମିନି ଷ୍ଟାଡିୟମ ଠାରୁ ଏକ ଶୋଭାଯାତ୍ରା ବାହାରିଥିଲା। ସେମାନଙ୍କ ମୌଳିକ ସମସ୍ୟାର ସମାଧାନ ନେଇ ବିଭିନ୍ନ ସ୍ଲୋଗାନ ଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସଂଘ ତରଫରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆଙ୍କୁ ୮ ଦଫା ଦାବୀପତ୍ର ପ୍ରଦାନ କରିଥିଲେ। ସ୍ଥାନୀୟ ନାଟଗୁରୁ ଏବଂ କଳାକାରମାନେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ବିଭିନ୍ନ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗାଁ ଠାରୁ ଆରମ୍ଭ କରି ସହରରେ ରହୁଥିବା ଲୋକଙ୍କୁ ସଚେତନତାର ବାର୍ତ୍ତା ପହଞ୍ଚାଇ ଥାନ୍ତି। ଏଣୁ ଏହି ନାଟଗୁରୁ ଏବଂ କଳାକାରମାନଙ୍କୁ ସରକାର ଚିହ୍ନଟ କରି କଳାକାରର ପରିଚୟ ପତ୍ର ପ୍ରଦାନ କରିବା ସହ ସେମାନଙ୍କ ପରିବାରର ଝିଅପୁଅ ମାନଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା, ଶିକ୍ଷା ତଥା ଝିଅ ମାନଙ୍କ ବିବାହରେ ଆର୍ଥିକ ସହାୟତା ରାଶି ପ୍ରଦାନ ନେଇ ଦାବୀପତ୍ରରେ ଉଲ୍ଲେଖ ରହିଛି। ସେହିପରି ଜିଲା ପ୍ରଶାସନ ଏବଂ କଳାକାରମାନଙ୍କୁ ନେଇ ଏକ ମିଳିତ ଯାଞ୍ଚ କମିଟି ଜିଲାସ୍ତରୀୟ ଏବଂ ବ୍ଲକ ସ୍ତରରେ ଗଠନ କରାଯାଉ। ସେହିପରି ଭୁମିହୀନ ଓ ଗୃହହୀନ କଳାକାରମାନଙ୍କୁ ଚିହ୍ନଟକରି ତୁରନ୍ତ ଘରବାରୀ ପଟ୍ଟା ଏବଂ ବାସଗୃହ ପ୍ରଦାନ, ଦେଶିଆ କଳାକାରମାନଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଉ। ବ୍ଲକ ସଦର ମହକୁମା ଠାରେ ସଂଘର କାର୍ଯ୍ୟାଳୟ ସକାଶେ ଗୃହ ନିର୍ମାଣ ନିମନ୍ତେ ଜମି ଯୋଗାଇ ଦିଆଯାଉ। ସେହିପରି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ହେଉଥିବା ସଚେତନତା ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମକୁ ସଂଘକୁ ପ୍ରଦାନ ନେଇ ଦାବୀପତ୍ରରେ ଉଲ୍ଲେଖ ରହିଛି। ଏହି ଅବସରରେ ସଂଘର ଜିଲା ସଭାପତି ପେଣ୍ଡ୍ରା ପ୍ରସାଦ ନାୟକ, ସମ୍ପାଦକ ପର୍ଶୁରାମ ନାୟକ, ଝରିଗାଁ ବ୍ଲକ ସଭାପତି ନକୁଳ ଚନ୍ଦ୍ର ସାନ୍ତା, ଉପ ସଭାପତି କୃଷ୍ଣ ଚନ୍ଦ୍ର ପନକା, ସମ୍ପାଦକ ଲକ୍ଷ୍ମୀ ନାରାୟଣ ଗାଣ୍ଡା, ମୁଖ୍ୟ ବକ୍ତା ରାଜେଶ ଜାନୀଙ୍କ ସହ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

- ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଚାନକ ସ୍କୁଲ ପରିଦର୍ଶନ

## ୪ ଶିକ୍ଷକଙ୍କ ଦିନକର ଦରମା ବନ୍ଦ



ବିଇଓ ଏବଂ ଏବିଇଓ ସ୍କୁଲ ପରିଦର୍ଶନ କରୁଛନ୍ତି ।

**ଚନ୍ଦାହାଣ୍ଡି,୧୯।୮(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ୪ ଜଣ ଶିକ୍ଷକ ସ୍କୁଲକୁ ଠିକ ସମୟରେ ଆସି ନଥିବାରୁ ସେମାନଙ୍କଙ୍କ ଦିନକର ଦରମା ବ୍ଲକ ଶିକ୍ଷା ଅଧିକାରୀ ଭଜନଲାଲ ମାଝି ବନ୍ଦ କରିଛନ୍ତି। ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଭଜନଲାଲ ମାଝୀ ଏବଂ ଏବିଇଓ ପ୍ରେମଚାନ୍ଦସିଂ ଧ୍ରୁରୁଆ ସୋମବାର ଅଚାନକ ପରିଦର୍ଶନରେ ଯାଇଥିଲେ। ଦଳବେଡା ପଞ୍ଚାୟତ ଅଧିନସ୍ଥ ଭାଟିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମିତ ଖମାରୀ , ସହକାରୀ ଶିକ୍ଷକ ମାଧବ ପାରୀ ଏବଂ ଲିଙ୍ଗରାଜ ବର୍ଗତି ସମୟ ୧୦.୩୦ ପର୍ଯ୍ୟନ୍ତ ବିଦ୍ୟାଳୟରେ ପହଞ୍ଚି ନଥିବା ଦେଖିବାକୁ ପାଇଥିଲେ । ଏହାପରେ ଦଳବେଡା ପଞ୍ଚାୟତ ଅଧିନସ୍ଥ କରାଡଙ୍ଗରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେହି ବିଦ୍ୟାଳୟରେ ସହକାରୀ ଶିକ୍ଷକ ହେମଧର ନାୟକ ଅନୁପସ୍ଥିତ ଥିବା ଦେଖିବାକୁ ପାଇଥିଲେ । ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଆସି ଏଣେ ତେଣେ ବୁଲୁ ଥିଲେ। ଶିକ୍ଷକମାନେ ଅନୁପସ୍ଥିତ ଥିବାରୁ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଉକ୍ତ ସମସ୍ତ ଶିକ୍ଷକଙ୍କ ଦିନକର ଦରମା ବନ୍ଦ କରାଯାଇଥିବା ଭଜନଲାଲ ସୂଚନା ଦେଇଛନ୍ତି । ଆଗାମୀ ଦିନରେ ବ୍ଲକର ସମସ୍ତ ବିଦ୍ୟାଳୟକୁ ନିୟମିତ ପରିଦର୍ଶନ କରାଯିବ ବୋଲି ସେ କହିଛନ୍ତି।

# ଏସ୍‌ଏଚ୍‌ଜିଙ୍କ ଲକ୍ଷାଧିକ ଟଙ୍କା ହଡପ

**ନବରଙ୍ଗପୁର,୧୯।୮(ବି.ପ୍ର.)**

### ସମିତି ସଭ୍ୟଙ୍କ ବିରୋଧରେ ଡାବୁଗାଁ ଥାନା ଓ ନବରଙ୍ଗପୁର ଏସପିଙ୍କ ନିକଟରେ ଅଭିଯୋଗ

ନିରକ୍ଷର ଓ ସଚେତନତା ଅଭାବରୁ ମହିଳାମାନେ ଠକାମିରେ ପଡୁଛନ୍ତି। ଏହି କାରଣରୁ ୨ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ଲକ୍ଷାଧିକ ଟଙ୍କା ନିଜ ଆକାଉଣ୍ଟକୁ ଜଣେ ସମିତି ସଭ୍ୟ ଟ୍ରାନ୍ସଫର କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏହିଭଳି ଘଟଣା ନବରଙ୍ଗପୁର ଜିଲା ଜଟାବାଲ ପଞ୍ଚାୟତ ଅଧୀନ ବାରିଗୁଡା ଗାଁରେ ଦେଖିବାକୁ ମିଳିଛି।

ପାପଡାହାଣ୍ଡି ବ୍ଲକ ଡାବୁଗାଁ ଥାନା ଅଧୀନ ବାରିଗୁଡା ଗାଁରେ ଗ୍ରାମ ଶକ୍ତି ଓ ସମସ୍ତା ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀରେ ୨୧ ଜଣ ସଦସ୍ୟ ରହିଛନ୍ତି। ଏହି ଗୋଷ୍ଠୀଙ୍କ ସମସ୍ତ ସଭ୍ୟାଙ୍କ ନାମରେ ଥିବା ବ୍ୟାଙ୍କ ପାଶବୁକରୁ ଜଣେ ସମିତି ସଭ୍ୟ ତାଙ୍କ ନିଜ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରି ଉଠାଇ ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଡାବୁଗାଁ ଥାନାରେ ଏତଲା ଦେବା ସହ ସୋମବାର ଏସପିଙ୍କୁ ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଛନ୍ତି । ୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟାଙ୍କ ଆଧାର କାର୍ଡ, ଭୋଟ ପରିଚୟ ପତ୍ର ଓ ଦସ୍ତଖତ ସମିତ ସଭ୍ୟ ଜଣଙ୍କ ନେଇଥିଲେ । ସମିତି ସଭ୍ୟ ହୋଇଥିବାରୁ ଆବାସ ଗୃହ ଓ କିଛି ସରକାରୀ ସହାୟତା ପାଇଁ ଏ ସବୁ କାଗଜ ମାଗୁଥିବା ବିଶ୍ୱାସ କରି ମହିଳାମାନେ ଦେଇଥିଲେ । ପରେ ଏକ ଘରୋଇ ସଂସ୍ଥାକୁ ସଦସ୍ୟାମାନଙ୍କୁ ନେଇ ଋଣ କରାଇଥିଲେ । ଟଙ୍କା ଉଠାଣ ଦିନ ସଭ୍ୟାମାନଙ୍କୁ ୨ ହଜାର ଟଙ୍କା ଲେଖାଏଁ ସମିତି ସଭ୍ୟ ଦେଇଥିଲେ । ଋଣ ଟଙ୍କା ସଭ୍ୟା ମାନଙ୍କ ପାସବୁକରେ ଜମା ହୋଇଥିଲା । ପରବର୍ତ୍ତି ସମୟରେ ସମିତି ସଭ୍ୟ ସମସ୍ତଙ୍କୁ ବ୍ୟାଙ୍କକୁ ଡାକିନେଇ ଟିପଚିହ୍ନ ନେଇ ନିଜ ଆକାଉଣ୍ଟରେ ଟଙ୍କା ଜମା କରିଥିଲେ। ପରେ ମାସିକ କିସ୍ତି ଟଙ୍କା ଉକ୍ତ ସଂସ୍ଥାରେ ଜମା କରିଥିଲେ। ଯେତେବେଳେ କିସ୍ତି ଜମା ହେଲା ନାହିଁ ଋଣ ଟଙ୍କା ପାଇ ସଂସ୍ଥାର କର୍ମଚାରୀ ସଭ୍ୟାମାନଙ୍କ ଘରକୁ ଯାଇଥିଲେ। ସେହି ସମୟର ସଭ୍ୟାମାନେ ଜାଣିବାକୁ ପାଇଥିଲେ ଯେ ତାଙ୍କ ନାମରେ ଟଙ୍କା ଉଠାଣ ହୋଇଛି । ସଭ୍ୟାମାନଙ୍କ ପାସ ବୁକରେ ରହିଥିବା ନିଜ ଟଙ୍କା ଓ ଋଣ ବାବଦକୁ ଥିବା ଟଙ୍କା ସବୁତକ ସମିତି ସଭ୍ୟ ଉଠାଇ ଏବେ ଆଉ ଦେଖା ଦେଉନାହାନ୍ତି । ଦୁଇଟି ଗୋଷ୍ଠୀର ମହିଳାମାନେ ସମିତି ସଭ୍ୟକୁ ଘରକୁ ଗଲେ ଟଙ୍କା ସେ ଉଠାଇ ନେଇନଥିବା କହୁଛନ୍ତି । ଏବେ ତାଙ୍କ ମୋବାଇଲ ମଧ୍ୟ ବନ୍ଦ ରଖିଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ନୀଳାବତୀ ହରିଜନଙ୍କ ୫୫ ହଜାର, ସବାଇ ଭତ୍ରାଙ୍କ ୯୦ ହଜାର, ସତାଇ ପୂଜାରୀଙ୍କ ୯୦ ହଜାର, ସାବିତ୍ରୀ ହରିଜନଙ୍କ ୯୦ ହଜାର, ସତ୍ୟବତୀ ଜାନୀଙ୍କ ୯୦ ହଜାର, ସନାଇ ହରିଜନଙ୍କ ୫୫ ହଜାର, ତୁଳାବତୀ ପୂଜାରୀଙ୍କ ୨୦ହଜାର, ଡମାଇ ଜାନୀଙ୍କ ୨୦ହଜାର, ପୁଷ୍ପମା ଭତ୍ରାଙ୍କ ୨୦ହଜାର, ଲଳିତା ହରିଜନଙ୍କ ୫୦ହଜାର, ଗୌରୀ ଜାନୀଙ୍କ ୨୦ ହଜାର, ବାଲମତି ଜାନୀଙ୍କ ୨୦ହଜାର ଓ ଲକ୍ଷ୍ମୀ ଜାନୀଙ୍କ ୨୦ ହଜାର ଟଙ୍କା ସମେତ ଅନ୍ୟ ସଭ୍ୟାମାନଙ୍କ ମଧ୍ୟ ଟଙ୍କା ଉଠାଇ ନେଇଥିବା ମହିଳାମାନେ କହିଛନ୍ତି।




ଏସପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଅଗଷ୍ଟ ୨୦/୨୦୧୯ Rayagada ,Tuesday, August. 20/ 2019

## ନାଳରେ ବୁଡ଼ିଯାଇ ବୃଦ୍ଧଙ୍କ ମୃତ୍ୟୁ

ବସ୍ତା,୧୯।୮(ସ୍ୱ.ପ୍ର.): ବାଲେଶ୍ୱର ଜିଲା ସିଂଲା ଥାନା ମାଛରଙ୍କା ଗ୍ରାମର ମୁରଲିଧର ବେହେରା (୬୫) ନାଳରେ ବୁଡ଼ି ଯାଇ ମୃତ୍ୟୁବରଣ କରିଛନ୍ତି। ମୁରଲିଧର ଗ୍ରାମ ନିକଟସ୍ଥ ବୁଙ୍ଗା ନାଳ ପାରି ହୋଇ ସୋମବାର ସକାଳେ ବିଲକୁ ଯାଉଥିବା ବେଳେ ନାଳର ପ୍ରଖର ସ୍ରୋତରେ ଭାସିଯାଇଥିଲେ।




## ଉପଜିଲାପାଳ ଦେଲେ ନିର୍ଦ୍ଦେଶ

# ମଦ କାରବାର ରୋକିବାକୁ ଧରପଗଡ଼

ଜୟପୁର,୧୯।୮(ନି.ପ୍ର.)

ଜୟପୁର ସହର ଆଖପାଖ ଅଞ୍ଚଳରେ ଖୋଲାଖୋଲି ଦେଶୀ ଓ ନକଲି ମଦ କାରବାର ଚାଲିଛି। ଏହାର ତିଆରି ବନ୍ଦ କରିବା ପାଇଁ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା ପଦକ୍ଷେପ ନେଇଛନ୍ତି। ସୋମବାର ତାଙ୍କ ଅଧ୍ୟକ୍ଷତାରେ ଟାଉନ, ସଦର ଥାନା ପୋଲିସ, ଅବକାରୀ ବିଭାଗ, ସହରର ସାମାଜିକ ସଂଗଠନକୁ ନେଇ ବୈଠକ ହୋଇଥିଲା। ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡ଼ା, ନିଳାଗୁଡ଼ା ସହ ସହରର ଗଳି କନ୍ଦି, ଚା' ଓ ପାନ ଦୋକାନରେ ମଦ ବିକ୍ରି ହେଉଛି। ଏହାର ଧରପଗଡ଼ ନିର୍ଦ୍ଦେଶ ଦେଇଥିଲେ ଉପଜିଲାପାଳ ବେହେରା ଉଲ୍ଲେଖଯୋଗ୍ୟ ଯେ ମଦ ରୋକିବା ପାଇଁ ଜୟପୁର ବିଧାୟକ ବାରମ୍ବାର ବିଧାନସଭାରେ ପ୍ରସଙ୍ଗ ଉଠାଇବା ସହ ଗତ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଦେଶୀମଦର ବ୍ୟାପକତା ଯୋଗୁ କୋରାପୁଟ ତଥା ଜୟପୁର ଅଞ୍ଚଳରେ କ୍ରମାଗତ ଭାବେ ଧନ ଜୀବନ ଯାଉଛି। ପାରିବାରିକ ଓ ସାମାଜିକ ସ୍ଥିତି ବିପନ୍ନ ହେଉଛି। ଛାତ୍ର ଓ ଯୁବପିଢ଼ି ଉପରେ ଏହାର ବେଶୀ ପ୍ରଭାବ ପଡୁଛି। ତେଣୁ ଏହାକୁ ରୋକିବା ପାଇଁ ଧରପଗଡ଼ ଆରମ୍ଭ କରିବ ଉପଖଣ୍ଡ ପ୍ରଶାସନ। ବୈଠକରେ ଟାଉନ ଥାନା ଅଧିକାରୀ ବିଲେଶ୍ୱର ଗିଧି, ସଦର ଥାନା ଅଧିକାରୀ ଶିବଶଙ୍କର ସାହୁ, ଅବକାରୀ ବିଭାଗ ନିରୀକ୍ଷକ, ବିଭିନ୍ନ ସାମାଜିକ ସଙ୍ଗଠନ ସାମିଲ ଥିଲେ।



ବୈଠକରେ ଉପଜିଲାପାଳଙ୍କ ସହ ପୋଲିସ ଅଧିକାରୀ ଓ ଅନ୍ୟମାନେ।




## ଏସ୍ଏଚ୍‌ଜି ଦ୍ୱାରା ଧାନକିଣାକୁ ବିରୋଧ

କୋରାପୁଟ,୧୯।୮(ସ୍ୱ.ପ୍ର.)

ବୈପାରିଗୁଡ଼ା ବ୍ଲକ ବାଲିଗାଁ ପଞ୍ଚାୟତରେ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଧାନକିଣାକୁ ତୀବ୍ର ବିରୋଧ କରାଯାଇଛି। ସୋମବାର ସଂପୃକ୍ତ ପଞ୍ଚାୟତର ଚାଷୀ, ଭାଗ ଚାଷୀ ଓ ନାମମାତ୍ର ଭାଗଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି । ସେଥିରେ ଦର୍ଶାଇଛନ୍ତି ଯେ ଚଳିତ ବର୍ଷ ଖରିଫ ଋତୁରେ ବାଲିଗାଁ ମଣ୍ଡିରୁ ଧାନକିଣା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀକୁ ବଛାଯାଇଥିଲା। ସରକାରୀ କର୍ମଚାରୀ ସଂପୃକ୍ତ ରହୁ ନ ଥିବାରୁ ମଣ୍ଡିରେ ଅବ୍ୟବସ୍ଥା ଆଶଙ୍କା କରି ଏହାକୁ ବିରୋଧ କରାଯାଇଥିଲା। ବିଗତ ଦିନରେ ମଧ୍ୟ ପାଣି ପଞ୍ଚାୟତ ମାଧ୍ୟମରେ ଧାନ କିଣା ଯାଇଥିବାବେଳେ ଧାନ ହେରଫେର ଓ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ତେଣୁ ଧାନକିଣା ପାଇଁ ଲ୍ୟାମ୍ପସକୁ ଦାୟିତ୍ୱ ଦେବାକୁ ବାଲିଗାଁ ସରପଞ୍ଚ ରତ୍ନା ନାୟକ, ସମିତି ସଭ୍ୟା ମୋତି ନାୟକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲା ପ୍ରଶାସନକୁ ଦାବିପତ୍ର ଦେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ନେଇ ଆସିଥିବା ବାଲିଗାଁ ବାସିନ୍ଦା।

## ■ ନିର୍ଦ୍ଧାରିତ କାର୍ଯ୍ୟ ଦିବସର ପାଉଣା ଦାବି

# ଡିଏଫ୍‌ଓ କାର୍ଯ୍ୟାଳୟ ଘେରିଲେ



କେନ୍ଦୁପତ୍ର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ଜୟପୁର,୧୯।୮(ଡି.ଏନ୍.ଏ.)

ଜୟପୁର କେନ୍ଦୁପତ୍ର ଡିଭିଜନ ବିଭାଗ ଅନ୍ତର୍ଗତ କୋରାପୁଟ, ମାଲକାନଗିରି, ରାୟଗଡ଼ା ଜିଲାରେ କାର୍ଯ୍ୟରତ ମିଳିତ ଅସ୍ଥାୟୀ କର୍ମଚାରୀ ସଂଘ ସୋମବାର ସ୍ଥାନୀୟ କେନ୍ଦୁପତ୍ର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରିଛି। ସଂଘ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ନେତୃତ୍ୱରେ ୪ଶହରୁ ଅଧିକ କର୍ମଚାରୀଙ୍କୁ ନେଇ ଏକ ବୈଠକ ହୋଇଥିଲା । ଏହାପରେ ସ୍ଥାନୀୟ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ ସହ ଡିଏଫ୍‌ଓ ଆଇ.ଜେଡ୍. ଖାନଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଥିଲା। ଦାବି ପୂରଣ ନହେଲେ ଆନ୍ଦୋଳନ ଏବଂ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ପୁଣି ଦାବିପତ୍ର ଦେବ ସଂଘ।

କେନ୍ଦୁପତ୍ର ସଂଗ୍ରହ ସମୟରେ ଚେକର ବର୍ଷକୁ ୯୦ ଦିନ, ସୁପରଭାଇଜର ୭୫ ଦିନ ଓ ଚପରାସି ୬୦ ଦିନ କାମ କରିବା କଥା। କିନ୍ତୁ ଚଳିତ ବର୍ଷ ଏହି ତିନୋଟି ପଦବୀରେ ଥିବା କର୍ମଚାରୀଙ୍କୁ ମାତ୍ର ୩୦ରୁ ୪୦ ଦିନ କାମରେ ଲଗାଯାଇଥିଲା ଓ ସେହି ଅନୁସାରେ ପାରିଶ୍ରମିକ ଦେବା ପାଇଁ ବିଭାଗ ପଦକ୍ଷେପ ନେଇଥିଲା, ଯାହାକୁ କର୍ମଚାରୀମାନେ ବିରୋଧ କରି କାର୍ଯ୍ୟାଳୟ ଘେରିଥିଲେ। ଘେରାଉ ବେଳେ ସଂଘ ସଭାପତି ବାଲିଙ୍କି ରାଓ, ଉପସଭାପତି ଦେବୀ ପଟ୍ଟନାୟକ, ସମ୍ପାଦକ ଅନନ୍ତ ଅନୁଗୁଳିଆ, ବାଲା ରାୟ ଓ ୩ଟି ଜିଲାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗୋଟିଏ ଦିନରେ ୨ ଅପମୃତ୍ୟୁ

ଜୟପୁର,୧୯।୮(ନି.ପ୍ର.)

ଜୟପୁରରେ ଗୋଟିଏ ଦିନରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜୟପୁର ସଦର ଥାନା ଅନ୍ତର୍ଗତ ସୌରାଗୁଡ଼ାର ସୁରେନ୍ଦ୍ର ସୌରାଙ୍କ ଦ୍ୱିତୀୟ ସ୍ତ୍ରୀ ନୀଳେନ୍ଦ୍ରି (୨୩) ବାପଘରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହର ବ୍ୟବଚ୍ଛେଦ କରାଇ ତଦନ୍ତ ଚଳାଇଛି। ଦ୍ୱିତୀୟ ଘଟଣାରେ ସୌରାଗୁଡ଼ାର କରୁଣା ସୌରା (୫୫)ଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି । ସେ ରବିବାର ଜୟପୁର ସହରକୁ ଆସି ଫେରୁଥିବା ବେଳେ ଜ୍ୟୋତିମାଲ ଆମ୍ବଗଛଠାରେ ପଡ଼ିରହିଥିଲେ। ଟାଉନ ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କରୁଣା ହେଉଛନ୍ତି ଘନ ସୌରାଙ୍କ ସ୍ତ୍ରୀ । ଏନେଇ ମୃତଦେହ ବ୍ୟବଚ୍ଛେଦ କରାଇ ଅପମୃତ୍ୟୁ ମାମଲା ରୁଜୁ ପରେ ତଦନ୍ତ କରୁଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସବୁ କଥା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।




| MODELS | TIGOR | NEXON | HEXA | TIAGO |
|---|---|---|---|---|
| Ex-Showroom Price | ₹5.70L* | ₹6.72L* | ₹13.26L* | ₹4.50L* |
| Maximum Benefit | ₹97,600* | ₹77,900* | ₹1,07,000* | ₹75,900* |

Upto 100% on-road Funding* & Tenure upto 84 months* | To know more, visit http://drivethefuture.tatamotors.com | Toll free number: 18002098282 | /tatamotorsgroup /tatamotors

Special offers for Government / Corporate Employees, Police Dept., LIC Employees & Agents, Bank Employees, Government Hospital-Doctors & Staff

SPECIAL OFFERS FOR CSD
EXCHANGE THROUGH TATA MOTORS ASSURED

Authorised Tata Motors Dealers:

Jeypore : Laxmi Sales & Service: 8448576946

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୧୧ ଫୁଟ ଅଜଗର ଉଦ୍ଧାର

ରାୟଗଡ଼ା ଅଫିସ ,୧୯।୮- ସ୍ଥାନୀୟ ଗାୟତ୍ରୀନଗରର ୫ମ ଲାଇନ ଏସଏସଭିଏମ୍ ଟେଲରଙ୍କ ଘରୁ ୧୧ ଫୁଟର ଏକ ଅଜଗର ସାପ ଉଦ୍ଧାର ହୋଇଛି । ଏହାକୁ ରାଣୀଗୁଡ଼ାର ପ୍ରଦୀପ ସେନାପତି ଉଦ୍ଧାର କରିଥିଲେ । ପରେ ତାକୁ ଝୁଲା ବ୍ରିଜ ନିକଟସ୍ଥ ପାହାଡ଼ରେ ଛାଡ଼ି ଦେଇଛନ୍ତି । ବାରମ୍ବାର ସାପ ଏପରି ଘରେ ପ୍ରବେଶ କରୁଥିବାରୁ ଗାୟତ୍ରୀ ନଗରର ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି ।

### ଭଙ୍ଗା ଘରକୁ ସଜାଡ଼ିଲେ ସ୍ଥାନୀୟ ଯୁବକ

ଟିକିରି,୧୯।୮(ଡି.ଏନ୍.ଏ.): କାଶୀପୁର ବ୍ଲକ ଦୁଦୁକାବାହାଲ ପଞ୍ଚାୟତ ସର୍ଗିଗୁଡା ଆଦିବାସୀ ଗାଁରେ ବିଧବା ବୃଦ୍ଧା ସାଲମେ ମାଝିଙ୍କ ଏକ ଟାଇଲ ଛପର ଘର ଥିଲା। ଗତ ଲଗାଣ ବର୍ଷାରେ ବୃଦ୍ଧାଙ୍କ ଘର ଛପର ଉଡି ଯାଇଥିଲା। ଏହାପରେ ବୃଦ୍ଧାଜଣଙ୍କ ଟିଟିଗୁଡାସ୍ଥିତ ତାଙ୍କ ଝିଅ ଘରକୁ ଯାଇ ରହୁଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପଲିଥିନ କିଣି ଆଣି ଘର ଉପରେ ପକାଇ ବୃଦ୍ଧାଙ୍କ ଘରକୁ ମରାମତି କରିଛନ୍ତି। ଏହାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ବୃଦ୍ଧା ଜଣଙ୍କ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଗାଁରେ ଏକାକୀ ରହୁଛନ୍ତି। ଆବାସ ଯୋଜନାରେ ଘର ପାଇବା ପାଇଁ ବୃଦ୍ଧାଜଣକ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କୁ ଦରଖାସ୍ତ ଦେଇଛନ୍ତି। ହେଲେ ପ୍ରଶାସନ କୌଣସି ବ୍ୟବସ୍ଥା ଗ୍ରହଣ କରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଦୁଦୁକାବାହାଲ ସରପଞ୍ଚ ଥାଟ ମାଝିଙ୍କୁ ପଚାରିବାରୁ ଏ ଦିଗରେ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ପିକ୍ଅପ୍ ଭ୍ୟାନକୁ ଧକ୍କା ଦେଲା ବସ୍ , ଜଣେ ଗୁରୁତର

ରାୟଗଡ଼ା ଅଫିସ,୧୯।୮- ଗୁଣୁପୁରରୁ ରାୟଗଡ଼ା ଆସୁଥିବା ବେସରକାରୀ ବସ ମୁକୁନ୍ଦପୁର ଘାଟିରେ ଅଟକିଥିବା ଏକ ପିକ୍ଅପ୍ ଭ୍ୟାନକୁ ଧକ୍କା ଦେଇଛି । ଫଳରେ ପିକ୍ଅପ୍ ଭ୍ୟାନ ଚାଳକ ସତ୍ୟନାରାୟଣ ସାହୁ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସତ୍ୟନାରାୟଣ କୌଣସି କାମରେ କୋଲନରାରୁ ପଦ୍ମପୁର ଯାଉଥିଲେ । ମୁକୁନ୍ଦପୁର ଘାଟିରୁ ତାଙ୍କ ଭ୍ୟାନ ଟି ତଳକୁ ଖସି ଆସିବାରୁ ସେ ଗାଡ଼ିରେ ପଥର ଦେବାକୁ ଚେଷ୍ଟା କରୁଥିବା ସମୟରେ ପଛରୁ ବସ୍ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ବସ୍‌ଟି ରାୟଗଡ଼ା ବସ୍‌ଷ୍ଟାଣ୍ଡରେ ଆସି ଅଟକିଥିଲା । ପୋଲିସ ଏନେଇ ଏକ ମାମଲା (ନଂ ୧୨୯/୧୯) ରୁଜୁ କରି ତଦନ୍ତ ଚଳାଇଛି ।

### ଭାରତୀୟ ଅର୍ଥନୀତିକୁ ସୁଦୃଢ଼ ଉଦ୍ୟମ

ରାୟଗଡ଼ା ଅଫିସ,୧୯।୮: କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତିକୁ ସଫଳ କରିବା ପାଇଁ ଏସ୍‌ବିଆଇ ବିଭିନ୍ନ ପଦକ୍ଷେପ ନେଇଛି। ସାଇପ୍ରିୟା ନଗରସ୍ଥିତ ଏସ୍‌ବିଆଇ ଆଞ୍ଚଳିକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଷ୍ଟେଟବ୍ୟାଙ୍କ ଡେପୁଟି ଜେନେରାଲ ମ୍ୟାନେଜର ଦୁର୍ବଚନ ବାଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ସୂଚନା ଦେଇଛନ୍ତି। ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ବ୍ୟାଙ୍କ ଉଦ୍ୟମ ଚଳାଇଛି ବୋଲି ସେ କହିଥିଲେ। ୧୭ ଓ ୧୮ ଦୁଇ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ୪୦ଟି ଏସ୍‌ବିଆଇର ଶାଖା ପରିଚାଳକ ଉପସ୍ଥିତ ଥିଲେ। ଉକ୍ତ ସଭାରେ ବ୍ୟାଙ୍କର ପ୍ରଦର୍ଶନ ନେଇ ସମୀକ୍ଷା କରାଯାଇଥିଲା। ଆର୍ଥିକ ବିକାଶ ପାଇଁ ଋଣପ୍ରଦାନ, ଅର୍ଥନୈତିକ ମୂଳଦୁଆ, କୃଷି କ୍ଷେତ୍ର, ଜଳ ଅର୍ଥ ବ୍ୟବସ୍ଥା, ଜଳ ଶକ୍ତି, ରପ୍ତାନି ଋଣ, ଡିଜିଟାଲ ଅର୍ଥ ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ଆଲୋକପାତ କରାଯାଇଛି।

### ପିଆଜ କିଲୋ ୩୦ ଟଙ୍କା

ଗୁଣପୁର,୧୯।୮(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁରରେ ଏବେ ପିଆଜ କିଲୋ ୩୦ ଟଙ୍କାରେ ପହଞ୍ଚିଛି । ନିର୍ବାଚନ ପୂର୍ବରୁ ପିଆଜ ଦର ୧୬ରୁ ୧୮ ଟଙ୍କା ମଧ୍ୟରେ ରହିଥିଲା । ପରେ ଏହାର ଦର ୨୪ରେ ଯାଇ ପହଞ୍ଚିଥିଲା। ବର୍ତ୍ତମାନ ଏହା କିଲୋ ପିଛା ଖୁଚୁରା ବଜାରରେ ୩୦ ଟଙ୍କା ହୋଇଛି, ଯାହା ଖାଉଟିଙ୍କୁ ଖୁବ୍ ବ୍ୟଥିତ କରିଛି । ପିଆଜ ଠିକ ଭାବେ ଆସୁ ନ ଥିବା କାରଣରୁ ଦରବୃଦ୍ଧି ହୋଇଥିବା କେତେକ ବ୍ୟବସାୟୀ ପ୍ରକାଶ କରିଛନ୍ତି । ପିଆଜ ଦର ଅନିୟନ୍ତ୍ରିତ ହେବା ପୂର୍ବରୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଅନ୍ୟପଟେ ପରିବା ଦର ମଧ୍ୟ ବୃଦ୍ଧି ପାଇଛି । ବାଇଗଣ କିଲୋ ପିଛା ୪୦ ଟଙ୍କା ରହିଥିବାବେଳେ ଜହ୍ନି ୫୦, ଟମାଟୋ ୩୦, ଫୁଲକୋବି କିଲୋ ୫୦ ଟଙ୍କା ରହିଛି ।

■ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ, ସ୍ଥାୟୀ କୋଠା ଦାବି

# ରାସ୍ତାକୁ ଓହ୍ଲାଇଲେ ଛାତ୍ରୀଛାତ୍ର, ଅଭିଭାବକ

ବିଷମକଟକ, ୧୯।୮

ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଏବଂ ସ୍ଥାୟୀ କୋଠା ଦାବି କରି ଛାତ୍ରୀଛାତ୍ର ଓ ଅଭିଭାବକ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟ ନୂତନ କୋଠା ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ବ୍ଲକ ଶିକ୍ଷାଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଧାରଣା ହଟିଥିଲା ।

ଦୁର୍ଗୀଠାରେ ଆଦର୍ଶ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ଚାଲିଛି । ଗତ ଶିକ୍ଷାବର୍ଷରେ ଉକ୍ତ ବିଦ୍ୟାଳୟ ଅସ୍ଥାୟୀ କୋଠାରେ ଆରମ୍ଭ କରାଯାଇଛି। ଚଳିତ ବର୍ଷ ଅଷ୍ଟମ ଶ୍ରେଣୀ ନିମନ୍ତେ ମଧ୍ୟ ଆବେଦନପତ୍ର ଗ୍ରହଣ କରାଯାଇଛି ।



ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି ।

ବର୍ତ୍ତମାନ ୨୩୦ ଛାତ୍ରୀଛାତ୍ର ଦୁର୍ଗୀ ଗ୍ରାମର ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହରେ ପଢୁଛନ୍ତି । ଛାତ୍ରୀଛାତ୍ରଙ୍କ ତୁଳନାରେ ଶ୍ରେଣୀଗୃହ ଛୋଟ ହୋଇଥିବାରୁ ପିଲାମାନେ ପାଠ ପଢିବାରେ ବହୁ ଅସୁବିଧା ଭୋଗୁଛନ୍ତି । ଏଥିସହିତ ଏତେଗୁଡାଏ ଛାତ୍ରୀଛାତ୍ରଙ୍କୁ ପଢାଇବା ନିମନ୍ତେ ଶିକ୍ଷକଙ୍କ ମଧ୍ୟ ଅଭାବ ରହିଛି । ବିଦ୍ୟାଳୟରେ ଅଧ୍ୟକ୍ଷଙ୍କୁ ମିଶାଇ ୫ଜଣ ଶିକ୍ଷକ ରହିଛନ୍ତି । ଫଳରେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି । ଛାତ୍ରୀଛାତ୍ର ଦୂର ଦୂରାନ୍ତରରୁ ର ଆସୁଥିବା ବେଳେ ଶିକ୍ଷକ ଅଭାବରୁ ନିରାଶ ହେଉଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ । ତେଣୁ ବାଧ୍ୟ ହୋଇ ଆମେ ରାଜରାସ୍ତାକୁ ଓହ୍ଲାଇଲୁ ବୋଲି ଅଭିଭାବକ ପ୍ରକାଶ କରିଛନ୍ତି। ଖବରପାଇ ବ୍ଲକ ଶିକ୍ଷା ଅଧିକାରୀ ଜୟଚନ୍ଦ୍ର ପାଠୀ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ । ପରେ ନୂତନ କୋଠା ବୁଲି ଦେଖିଥିଲେ । ବୁଧବାରଠାରୁ ନୂତନ କୋଠାରେ ପଢ଼ା ଆରମ୍ଭ ହେବ। ଯଥାଶୀଘ୍ର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ପରେ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଫେରିଥିଲେ ।

■ କାଟିକଣା ପଞ୍ଚାୟତରେ ମିଶ୍ରଣ ଦାବି

# ଅର୍ଗୁସଲା ଗ୍ରାମବାସୀ ଦେଲେ ଦାବିପତ୍ର



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

ରାୟଗଡ଼ା ଅଫିସ,୧୯।୮

ରାୟଗଡ଼ା ଜିଲା କୋଲନରା ବ୍ଲକ ଅର୍ଗୁସଲା ଗ୍ରାମବାସୀ ନିଜ ଗ୍ରାମକୁ ନିକଟସ୍ଥ କାଟିକଣା ପଞ୍ଚାୟତରେ ମିଶ୍ରଣ କରିବା ନେଇ ସୋମବାର ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରେରଣ କରିଛନ୍ତି । ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅନୁପସ୍ଥିତିରେ ଗ୍ରାମବାସୀ ଡ଼ାକ ମାଧ୍ୟମରେ ପ୍ରେରଣ କରିଥିଲେ ।

ଅର୍ଗୁସଲା ଗ୍ରାମରେ ପ୍ରାୟ ୬୦ ପରିବାର ବସବାସ କରୁଛନ୍ତି । ଗ୍ରାମରୁ ପ୍ରାୟ ୮ କିଲୋମିଟର ଦୂରରେ ଭୋଇମାଡ଼ା ପଞ୍ଚାୟତ କାର୍ଯ୍ୟାଳୟ ରହିଛି । ହେଲେ ମାତ୍ର ୧ କିଲୋମିଟର ଦୂରରେ ରହିଛି କାଟିକଣା ପଞ୍ଚାୟତ । ପୂର୍ବରୁ ଭୋଇମାଡ଼ା ପଞ୍ଚାୟତରେ ଉଭୟ ଅର୍ଗୁସଲା ଓ କାଟିକଣା ଗ୍ରାମ ରହିଥିଲା । କିନ୍ତୁ ବର୍ତ୍ତମାନ କାଟିକଣା ଗ୍ରାମକୁ ଏକ ନୂତନ ପଞ୍ଚାୟତ କରାଯାଇଛି । ଭତ୍ତା ଓ ରାଶନ ସାମଗ୍ରୀ ଆଣିବା ଲାଗି ଗ୍ରାମବାସୀଙ୍କୁ ୮ କିଲୋମିଟର ଦୂର ଯିବାକୁ ପଡୁଛି । ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଏଥିସହ ଅର୍ଗୁସଲା ଗ୍ରାମବାସୀଙ୍କୁ ସରକାରଙ୍କ ସମସ୍ତ ଯୋଜନା କାଟିକଣା ପଞ୍ଚାୟତ କାର୍ଯ୍ୟାଳୟ ମାଧ୍ୟମରେ ପ୍ରଦାନ କରାଯାଉ, ନଚେତ ଗ୍ରାମକୁ କାଟିକଣା ପଞ୍ଚାୟତରେ ମିଶ୍ରଣ କରିବାକୁ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଗୋପୀନାଥ ମାଣ୍ଡାଙ୍ଗି,ଚକ୍ର ମାଣ୍ଡାଙ୍ଗି,ରାଜୁ ପୁଆଲା ,ଶ୍ୟାମ ସିଂ ମାଣ୍ଡାଙ୍ଗି, ମଦୁ ମାଣ୍ଡାଙ୍ଗି ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ ।

■ ରୋଗୀ କଲ୍ୟାଣ ସମିତି ବୈଠକ

# ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଗୁରୁତ୍ୱ

ପଦ୍ମପୁର,୧୯।୮(ଡି.ଏନ୍.ଏ.)

ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ସ୍ୱାସ୍ଥକେନ୍ଦ୍ରର ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଗର୍ଭବତୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ।

ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀମାନଙ୍କ କ୍ୱାର୍ଟର ଅଭାବ, ପାଣି ସମସ୍ୟା, ସ୍ପେଶାଲିଷ୍ଟ ଡାକ୍ତର ଅଭାବ ଥିବା ନେଇ ଆଲୋଚନା ହୋଇଥିଲା। ଏଥିସହ ମେଡିକାଲ ପାଚେରି ନିର୍ମାଣ, ବଗିଚାରେ ବିଦ୍ୟୁତ୍ ସଂଯୋଗ, ଚାରାରୋପଣ ଉପରେ ବିଧାୟକ କହିଥିଲେ। ମେଡିକାଲ ସଫା ସୁତରା ରଖିବାକୁ ବିଧାୟକ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଦୀର୍ଘ ମାସ ହେବ ବନ୍ଦ ହୋଇଯାଇଥିବା ମେଡିକାଲର ମା'ଗୃହ ସମ୍ପର୍କରେ ଖବରଦାତା ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିପିଓ



ବୈଠକରେ ବିଧାୟକ ରଘୁନାଥ ଗମାଙ୍ଗ ଏବଂ ଅନ୍ୟମାନେ ।

ମନୋଜ ପଣ୍ଡା କହିଥିଲେ ଯେ, ଦୀର୍ଘଦିନ ହେଲା ମା' ଗୃହକୁ ଗର୍ଭବତୀମାନେ ଆସି ନାହାନ୍ତି। ନୂଆଗଡ଼, ନାରାୟଣପୁର ଭଳି ଦୂରଦୂରାନ୍ତର ଅଞ୍ଚଳର ଗର୍ଭବତୀମାନେ ଆସୁନାହାନ୍ତି। କେନ୍ଦୁଗୁଡା ମେଡିକାଲରେ ମା'ଗୃହ ହେଲେ ଗର୍ଭବତୀମାନେ ରହିପାରିଥାନ୍ତେ ବୋଲି ସେ ମତ ଦେଇଥିଲେ। ତବେ ମା' ଗୃହରେ ରହିବା ପାଇଁ ଲୋକ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଗର୍ଭବତୀଙ୍କୁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଡାକ୍ତର ସୌମ୍ୟରଞ୍ଜନ ପତି କହିଥିଲେ।

ବୈଠକ ପରେ ବିଧାୟକ ମେଡିକାଲରେ ଚାରାରୋପଣ କରିଥିଲେ। ତାଙ୍କ ସହ ପଦ୍ମପୁର ବିଡିଓ ଅଗସ୍ତି ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି, ବିଜେଡି ଯୁବ ସଂଗଠକ ଗୋଦାବରୀ ରାଉତ, କୈଳାସ କ୍ରାସ୍କା, ମୋଟୁ ଆଚାର୍ଯ୍ୟ, ମେଡିକାଲ ଇନ୍‌ଚାର୍ଜ ସୌମ୍ୟ ତ୍ରିପାଠୀ, ହରିଶ୍ଚନ୍ଦ୍ର ପଣ୍ଡା, ଫାର୍ମାସିଷ୍ଟ ମନୋଜ ସୁବୁଦ୍ଧି, ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ ନାୟକ, ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ଗୀତାଞ୍ଜଳି ହୁଇକା, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ପରେ ନାଇରା ଅଭିମୁଖେ ଯାଇଥିଲେ ।

## ୧୧୧ ପ୍ରକଳ୍ପ ପ୍ରଦର୍ଶିତ

ରାୟଗଡ଼ା ଅଫିସ,୧୯।୮

ଗାୟତ୍ରୀନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି । ମେଳାରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧୧ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି । ଏଥିରେ ସାମାଜିକ କର୍ମୀ ଗୋପୀନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ସଦୁପଯୋଗ କରିବା ଏବଂ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ସ୍କୁଲ ପରିଚାଳନା କମିଟି ସଦସ୍ୟ ହୃଦୟାନନ୍ଦ ପଣ୍ଡା, ସମ୍ପାଦକ ସୁନିଲ ପ୍ରସାଦ ମହାପାତ୍ର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ମେଳାରେ ୩୫୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । କଣ୍ଢେଇ ମେଳା , ପରିବା ମେଳା, ସଜୀବ ନିର୍ଜୀବ,ଫଳ ଚାର୍ଟ, ସଂସ୍କୃତ ଜ୍ଞାନ ,ବିଜ୍ଞାନ ପ୍ରଶ୍ନପତ୍ର, ବିଜ୍ଞାନ ପ୍ରୟୋଗ,ପତ୍ରବାଚନର କର୍ମଶାଳା ଆଦି ୧୧୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୃତୀ ଛାତ୍ରୀଛାତ୍ର ଦୀପମରୀ ପ୍ରିୟଦର୍ଶନୀ, ସୌମ୍ୟ ରଞ୍ଜନ ବରିସଲ, ଆଦିଶା ମହାପାତ୍ର, ଆଦ୍ୟାଶା ମିଶ୍ର, ଶୁଭମ ସ୍ୱାଇଁ, ବନ୍ଦିତା ପଣ୍ଡା, ଦୀପାସା ମହାପାତ୍ର, ଆକାଂକ୍ଷା ମହାପାତ୍ର, ଅନୁଷ୍କା ପାଳ , ମନସ୍ୱିନୀ ରଥଙ୍କୁ ପୁରସ୍କୃତ କରାଯାଇଥିଲା ।

# ୭୧ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

ମୁନିଗୁଡା, ୧୯।୮(ଡ଼ି.ଏନ.ଏ)

ରାୟଗଡା ଜିଲା ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗଦେଇ ୭୧ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ଅଭିଯୋଗ ଥିଲା । ବିଶେଷକରି ମୁନିଗୁଡା ବିକାଶ ପରିଷଦ ତରଫରୁ ମୁନିଗୁଡା ଏନ୍‌ଏସି ମାନ୍ୟତା , ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢୁଥିବାରୁ ବାଇ ପାସ ରାସ୍ତା, ସବ୍‌ଟ୍ରେଜେରି, ଜେଏମଏଫସି କୋର୍ଟ ନିର୍ମାଣ ଓ ମିନି ଷ୍ଟାଡିୟମ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯିବାକୁ ଦାବି କରାଯାଇଥିଲା। ଏହି ଅବସରରେ ଜିଲାପାଳ ଅମ୍ବାଦଳା ଘରପୋଡିକୁ ନେଇ ରେଡକ୍ରସ ଫଣ୍ଡରୁ ୨୦ହଜାର ଟଙ୍କାର ଚେକ୍, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୮ ହଜାର ଲେଖାଏଁ ଦୁଇଜଣଙ୍କୁ ଓ ୩ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ରାୟଗଡା ଅମ୍ରିତ ଋତୁରାଜ, ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର, ପିଏଆଇଟିଡିଏ ଗୋରାଚାନ୍ଦ ଗମାଙ୍ଗ, ଆଡିସନାଲ ଏସ୍‌ପି ଭି. ରଘୁନାଥ ରାଓ, ମୁନିଗୁଡା ଏସଡିପିଓ ଚନ୍ଦ୍ରଶେଖର ହୋତା, ତହସିଲଦାର ଦେବାଶିଷ ଗୌଡ, ବିଡିଓ ଦିଲୀପ ବେହେରାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ । ଏହି ଶୁଣାଣିକୁ ବ୍ଲକର କନିଷ୍ଠ ଯନ୍ତ୍ରୀ ଜୟପ୍ରକାଶ ନାରାୟଣ ଭଞ୍ଜରାୟ, ନିରଞ୍ଜନ ବେହେରା, ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା, ବିଏସଏସଓ ରଞ୍ଜିତା ବେହେରା ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।

# ବିଜ୍ଞାନ ମେଳାରେ ୩୬ ପ୍ରକଳ୍ପ ପ୍ରଦର୍ଶିତ

ଟିକିରି,୧୯।୮(ଡି.ଏନ୍.ଏ.)

କାଶୀପୁର ବ୍ଲକ ଟିକିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ରଘୁନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋଚନ ଖରା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମେଳାରେ ୩୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୧୨ ଜଣ ବିଚାରକଭାବେ ଯୋଗ ଦେଇଥିଲେ। ବିଚାରକ ବୃନ୍ଦ ଓ ସ୍କୁଲ କମିଟି ଉପଦେଷ୍ଟା ଉପେନ୍ଦ୍ର ପାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି ପ୍ରଭାକର ସାମନ୍ତରାୟ, ସମ୍ପାଦକ ହରିଚନ୍ଦ୍ର ସାହୁ ଓ ଯୁଗ୍ମ ସମ୍ପାଦକ ନିରଞ୍ଜନ ନାୟକ ଯୋଗ ଦେଇଥିଲେ। ସ୍କୁଲ ଗୁରୁମା ଗୁରୁଜୀଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିଜ୍ଞାନ ମେଳାରେ ଅତିଥି ଓ ଅନ୍ୟମାନେ ।

# ଜ୍ଞାନ ବିଜ୍ଞାନ ମେଳା

ମୁନିଗୁଡ଼ା,୧୯।୮(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସୋମବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ବେରଦଳେଇ ଓ ଶିଶୁ ବାଟିକା ପ୍ରମୁଖ ରଶ୍ମିତା ନାୟକଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ମେଳାରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ଦାମୋଦର ସାମଲ ସୁଶାନ୍ତ ପଣ୍ଡା, ବିଷ୍ଣୁପ୍ରିୟା ସାହୁକାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କୃଷିରେ ପ୍ରଯୁକ୍ତି ବିଦ୍ୟାରେ ଆଧାରିତ ନମୁନା, ଶକ୍ତି ସଂରକ୍ଷଣ, ସମବାହୁଭୁଜ, ବାୟୁ ପ୍ରଦୂଷଣ, ଜଙ୍ଗଲ ଓ ମୃତ୍ତିକା ସଂରକ୍ଷଣ, ଉଦ୍ଭିଦର ବିଭିନ୍ନ ଅଂଶ ଆଦି ୩୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ । ଏଥିରେ ଶ୍ରେଷ୍ଠ ପ୍ରଦର୍ଶିତ ୩ଟି ପ୍ରକଳ୍ପକୁ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାକୁ ପଠାଯିବ ବୋଲି ଜଣାଯାଇଛି । ଉକ୍ତ ବିଜ୍ଞାନ ମେଳାକୁ ଶିଶୁ ମନ୍ଦିରର ଗୁରୁମା ଗୀତାଞ୍ଜଳି ବେହେରା, ପ୍ରିୟଙ୍କା ପାତ୍ର, ସୁଜାତା ନାୟକ, ଗାୟତ୍ରୀ ସାହୁ, ସୁନିତା ପ୍ରଧାନ, ବାଣୀଶ୍ରୀ ପଣ୍ଡା, କୁମୁଦିନୀ ପଣ୍ଡା, କୁସୁମାଞ୍ଜଳି ରଥ, କଳ୍ପନା ଦାସ, ଗୁଲାପି ବେହେରା, କେ. ଶ୍ରୀଦେବୀ ପ୍ରମୁଖ ପରିଚାଳନା କରିଥିଲେ । ଗୁରୁଜୀ ଅନିରୁଦ୍ଧ ବେହେରା, ସୁବ୍ରତ ପାତ୍ର, କିଶୋର ବାଗ୍, ଅନିଲ କର୍‌କରିଆ ସହଯୋଗ କରିଥିଲେ ।



ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

# ନିର୍ମାଣର ବର୍ଷେ ନ ପୂରୁଣୁ ରାସ୍ତା ଶୋଚନୀୟ

ଗୁଡାରୀ,୧୯।୮(ଡି.ଏନ୍.ଏ.)

ଗୁଡାରୀ ଏନ୍‌ଏସିରେ ଉନ୍ନୟନ କାର୍ଯ୍ୟ ପାଇଁ ଅର୍ଥ ଆସୁଛି। କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ଲୋକମାନେ ଏହାର ପ୍ରକୃତ ଲାଭ ଉଠାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ସ୍ଥାନୀୟ ନିର୍ମାଣାଧୀନ ବସଷ୍ଟାଣ୍ଡ-ଟାଉନହଲ୍ ରାସ୍ତା। କଂକ୍ରିଟ୍ ରାସ୍ତା ନିର୍ମାଣକୁ ବର୍ଷେ ନ ପୂରୁଣୁ ଏହା ଶୋଚନୀୟ ହୋଇପଡିଛି।

ଗୁଡାରୀବାସୀଙ୍କ ସୁବିଧା ପାଇଁ ୨୦୧୭-୧୮ରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଥାନୀୟ ନିର୍ମାଣାଧୀନ ବସଷ୍ଟାଣ୍ଡରୁ ଟାଉନହଲକୁ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ଏହାର କାମ ନିମ୍ନମାନର ହୋଇଥିବା ଯୋଗୁ ରାସ୍ତା ଅବସ୍ଥା ଏବେ ଶୋଚନୀୟ। ରାସ୍ତାର ବିଭିନ୍ନ ସ୍ଥାନ ଖାଲଖମାରେ ଭର୍ତ୍ତି। ବର୍ଷା ହେତୁ ସେଠାରେ ପାଣି ଜମି ଏବେ କର୍ଦ୍ଦମାକ୍ତ ହୋଇପଡିଛି। ରାସ୍ତା କାମରେ ବ୍ୟବହୃତ ସିମେଣ୍ଟ ମଧ୍ୟ ଅତି ନିମ୍ନମାନର। ରାସ୍ତା



ଶୋଚନୀୟ ହୋଇପଡ଼ିଥିବା ରାସ୍ତା ।

ତିଆରି ବେଳେ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ ଏଠାରେ ରହୁ ନ ଥିଲେ। ଠିକାଦାର ଓ କନିଷ୍ଠ ଯନ୍ତ୍ରୀ ମିଳିତ ଭାବେ ଏହି ସିମେଣ୍ଟ ରାସ୍ତାକୁ ମାଟି କାଦୁଅ ରାସ୍ତାରେ ପରିଣତ କରିଦେଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗୁଡାରୀ ଏନ୍‌ଏସି କାର୍ଯ୍ୟାଳୟର ପ୍ରାୟ ୫୦୦ମିଟର ପରିଧି ମଧ୍ୟରେ ନିର୍ମାଣ ହୋଇଥିବା ଏହି ରାସ୍ତା ହିଁ ପ୍ରମାଣ କରୁଛି ଗୁଡାରୀ ଏନ୍‌ଏସିରେ ଉନ୍ନୟନ କାର୍ଯ୍ୟ କିପରି ଚାଲିଛି। ସେହିଭଳି ନିର୍ମାଣାଧୀନ ବସଷ୍ଟାଣ୍ଡ ନିକଟରେ କୌଣସି ଡର୍ମିଟୋରୀ ନଥାଇ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ୪ଲକ୍ଷ ଟଙ୍କା ଟେଣ୍ଡର ହୋଇଥିଲା। କିନ୍ତୁ ଏହି ଘଟଣାର ପର୍ଦ୍ଦାଫାଶ କରିଥିଲା ଦୈନିକ ଖବରକାଗଜ 'ଧରିତ୍ରୀ'। ଖବର ପ୍ରକାଶ ହେବା ପରେ ତରବରିଆ ଭାବେ ଉକ୍ତ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟାକୁ ବାଦ୍ ଦିଆଯାଇଥିଲା। ପ୍ରତିବର୍ଷ ଉନ୍ନୟନ କାର୍ଯ୍ୟ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଗୁଡାରୀ ସହରର କୌଣସି ଗୋଟିଏ ସାହିରେ ଭଲ ରାସ୍ତା ନାହିଁ ଏବଂ ଡ୍ରେନେଜ ବ୍ୟବସ୍ଥା ନ କହିବା ଭଲ। ଗତ କିଛିଦିନ ପୂର୍ବେ ଲଗାଣବର୍ଷାରେ ସହରର ଡ୍ରେନେଜ ଜଳ ନିଷ୍କାସନ ହୋଇ ନପାରି ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଦେଖାଦେଇଥିଲା। ସହରରେ ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା ନଥିବା ଯୋଗୁ ଏପରି ପରିସ୍ଥିତି ଉପୁଜିଥିବା ସହରବାସୀ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ କରିଥିବା ଠିକାଦାର କହିଛନ୍ତି ଯେ, ଏଠାରେ ଶତକଡା ୨୨ରୁ ୨୫ ପ୍ରତିଶତ ପିସି ଏନ୍‌ଏସିକୁ ଦିଆଯାଇଥିବାରୁ ଏପରି ନିମ୍ନମାନର କାର୍ଯ୍ୟ ହେଉଛି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗାୟତ୍ରୀ ଦେବୀ ସାହୁ କହିଛନ୍ତି, ପିସି କାରବାର କଥା ମୋ ନଜରକୁ ଆସିନି। ଯେହେତୁ ମୋତେ କାର୍ଯ୍ୟର ଟେକ୍‌ନିକାଲ ବିଷୟ ଜଣାନାହିଁ, ତେଣୁ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀଙ୍କ ଦସ୍ତଖତ ପରେ ମୁଁ ବାଧ ହୋଇ ବିଲ୍ ପାସ୍ କରିଥାଏ। ଉନ୍ନୟନମୂଳକ କାର୍ଯ୍ୟରେ ସହରବାସୀ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟଗୁଡିକର ଭିଜିଲାନ୍ସ ତଦନ୍ତ କରାଗଲେ ଏନ୍‌ଏସିର ପ୍ରକୃତ ଚେହେରା ଲୋକଲୋଚନକୁ ଆସିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।